## ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ଗଞ୍ଜାମ ଗସ୍ତ

# ରୂପାନ୍ତରଣ ଓ ନୂତନ ପ୍ରକଳ୍ପରେ ବିକଶିତ ହେଉଛି ସମଗ୍ର ରାଜ୍ୟ

ବ୍ରହ୍ମପୁର, ୧୪।୨(ସମିସ)

ଦିନିକିଆ ଗଞ୍ଜାମ ଗସ୍ତରେ ଆସି ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋଟ ୩୯୫୨କୋଟି ଟଙ୍କାର ଭେଟି ଦେଇଛନ୍ତି। ଗସ୍ତକାଳରେ ସେ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ଅନ୍ତର୍ଗତ ଶେରଗଡ଼ ଏବଂ ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୀତଳାପଲ୍ଲୀ ଠାରେ ଦୁଇଟି ପୃଥକ ପୃଥକ ଜନସମାବେଶରେ ଯୋଗ ଦେଇ ପ୍ରାୟ ୭୮ଟି ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ବିଭିନ୍ନ ପ୍ରକଳ୍ପ ଜରିଆରେ ଗଞ୍ଜାମକୁ ମୋଟ ୩୯୫୨କୋଟିର ଭେଟି ଦେଇଥିବା ବେଳେ ଦୁଇଟି ବୃହତ ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ଜିଲ୍ଲାରେ ମୋଟ ୩୫ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ନେଇ ଘୋଷଣା କରିଥିଲେ। ଉଭୟ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ୫୫୦୦ଯୁବପିଢିଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ବୋଲି ସୂଚନା ମିଳିଛି। ସେହିଭଳି ଶିକ୍ଷା କ୍ଷେତ୍ରରେ ବ୍ରହ୍ମପୁର ଉପକଣ୍ଠ ପାଲୁର ହିଲ୍ସ ସ୍ଥିତ "ନିଷ୍ଟ" ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିବା ପରେ ଏହା ଦ୍ୱାରା ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନ ସହ ଉଚ୍ଚତର ଶିକ୍ଷାଲାଭ କରିବାର ସୁଯୋଗ ମିଳିପାରିବ। ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶେରଗଡ଼ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ବା ଏନଏସି ଭାବେ ବଡ ଘୋଷଣା କରିଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କର ଦିର୍ଘ ଦିନର ଦାବି ଓ ଆଶା ପୂରଣ ହୋଇପାରିଛି। ଏଥି ସହିତ ଉଭୟ ହିଞ୍ଜିଳି ଓ ଶେରଗଡ଼ ପାଇଁ ମୋଟ ୩ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବହୁ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ଆରମ୍ଭ ହୋଇଥିବା ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ବର୍ତ୍ତମାନ ବ୍ୟାପକ ହୋଇଛି। ଇତି ମଧ୍ୟରେ ରାଜ୍ୟର ୮ହଜାରରୁ ଅଧିକ ହାଇସ୍କୁଲର ରୂପାନ୍ତରଣ ଶେଷ ହୋଇସାରିଛି। ଏଭଳି କାର୍ଯ୍ୟକ୍ରମରେ ନିଜେ ସାମିଲ ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ସେହିଭଳି ଶୀତଳାପଲ୍ଲୀ ଠାରେ ୬୩୯.୮୧କୋଟି ଟଙ୍କାର ମୋଟ ୨୪ଟି ପ୍ରକଳ୍ପର ଲୋକାର୍ପଣ ସହିତ ୨୯୯୪କୋଟି ଟଙ୍କାର ୫୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦିର୍ଘ ୨୪ବର୍ଷ ଧରି ଲୋକଙ୍କୁ ସେବା ଯୋଗାଇବାର ସୁଯୋଗ ଦେଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ସେହିଭଳି ଲୋକଙ୍କ ଦାବି ଓ ପ୍ରସ୍ତାବ ମୁତାବକ ଆଗାମୀ ଦିନରେ ବହୁ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ବେଳେ ଆଗକୁ ବହୁ ଯୋଜନା ସମାଜର ବିଭିନ୍ନ ବର୍ଗଙ୍କ ପାଇଁ ଆସୁଥିବା ନେଇ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୂଚନା ଦେଇଥିଲେ।





### ● ଲୋକାର୍ପିତ ହେଲା ତୃତୀୟ ସମ୍ ହସ୍ପିଟାଲ କ୍ୟାମ୍ପସ୍

ଶେରଗଡ଼ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୀତଳାପଲ୍ଲୀ ଠାରେ ପହଞ୍ଚିଥିଲେ। ସେଠାରେ ସେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ଫର୍ଦ ଭାବେ ଯୋଡି ହୋଇଥିବା ସମ୍ ସୁପର ସ୍ପେସାଲିଟି ହସ୍ପିଟାଲକୁ ଲୋକାର୍ପଣ କରିଥିଲେ। ଯାହା ସମ୍ ହସ୍ପିଟାଲର ତୃତୀୟ କ୍ୟାମ୍ପସ ଅଟେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ସୋଆ ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ମନୋଜ ରଞ୍ଜନ ନାୟକ ଉପସ୍ଥିତ ଥିଲେ। ସମ୍ ହସ୍ପିଟାଲ ଜରିଆରେ ଦକ୍ଷିଣଓଡ଼ିଶାର ଲୋକଙ୍କୁ ଉତ୍ତମ ତଥା ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ ଓ ଏହାଦ୍ୱାରା ବହୁ ରୋଗୀ ଉପକୃତ ହେବେ ବୋଲି ଆଶା କରାଯାଇଛି। ୨୦୦ଶଯ୍ୟା ବିଶିଷ୍ଟ ଏହି ନୂତନ ହସ୍ପିଟାଲର ଶଯ୍ୟା ସଂଖ୍ୟା ଆଗାମୀ ଦିନରେ ୫ଶହକୁ ବୃଦ୍ଧି କରାଯିବ ବୋଲି ଜଣାପଡ଼ିଛି। ଏଠାରେ ସୁଲଭ ମୂଲ୍ୟରେ ସମସ୍ତ ଚିକିତ୍ସା ସେବା ୨୪ଘଣ୍ଟା ଉପଲବ୍ଧ ହେବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ● ୨୧ରୁ ଗଞ୍ଜାମରେ ଗଡ଼ିବ ଲକ୍ଷ୍ମୀ ବସ୍

ଆସନ୍ତା ୨୧ତାରିଖରୁ ଗଞ୍ଜାମ ଜିଲ୍ଲାରେ ପଞ୍ଚାୟତ ସ୍ତରରେ ଗଡ଼ିବ ଲକ୍ଷ୍ମୀ ବସ। ଏନେଇ ଘୋଷଣା କରିଛନ୍ତି ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଦିନିକିଆ ଗଞ୍ଜାମ ଗସ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହ ଆସି ଏହି ଘୋଷଣା କରିଛନ୍ତି। ପୂର୍ବରୁ ରାଜ୍ୟରେ ମୋଟ ୧୪ଟି ଜିଲ୍ଲାରେ ଲକ୍ଷ୍ମୀ ବସ ସେବା ଆରମ୍ଭ ହୋଇସାରିଥିବା ବେଳେ ଆସନ୍ତା ୨୧ତାରିଖରୁ ଗଞ୍ଜାମ ସମେତ ଅନ୍ୟ କିଛି ଜିଲ୍ଲା ଏହି ଅଭିଯାନରେ ସାମିଲ ହେବ ବୋଲି ଜଣାପଡ଼ିଛି। ଲକ୍ଷ୍ମୀ ବସ ଜରିଆରେ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ରିହାତି ସେବା ଉପଲବ୍ଧ ହେଉଛି। ମାତ୍ର ୫ଟଙ୍କାରେ ସୁରକ୍ଷିତ ବସ ଯାତ୍ରା କରିପାରୁଛନ୍ତି। ଏହାକୁ ନେଇ ବିଭିନ୍ନ ଜିଲ୍ଲାରେ ଲୋକେ ଖୁସି ଥିବାବେଳେ ଗଞ୍ଜାମ ସମେତ ଅନ୍ୟ ଜିଲ୍ଲାର ଲୋକେ ଏହି ସୁବିଧା ପାଇଁ ଅପେକ୍ଷା କରି ରହିଛନ୍ତି। ଏଭଳି ଘୋଷଣା ପରେ ଗଞ୍ଜାମ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ● ଗୋପାଳପୁରରେ ୩୫ହଜାର କୋଟିର ପୁଞ୍ଜିନିବେଶ

ଗୋପାଳପୁର ଠାରେ ଦୁଇଟି ବୃହତ ପ୍ରକଳ୍ପ ଜରିଆରେ ୩୫ଶହ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ୨୭ହଜାର କୋଟି ଟଙ୍କା ବିନିଯୋଗରେ ଏସିଏମଇ କମ୍ପାନୀ ପକ୍ଷରୁ ବୃହତ ଗ୍ରୀନ ଆମେନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ଦ୍ୱାରା ୪ହଜାର ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୮ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରି ଆଭାଡା କମ୍ପାନୀ ପକ୍ଷରୁ ଗ୍ରୀନ ହାଇଡ୍ରୋଜେନ ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଏଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଧବାର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଅଧିକ ୧୫ଶହ ଯୁବପିଢିଙ୍କୁ ନିଯୁକ୍ତିର ସୁଯୋଗ ମିଳିପାରିବ। ସଡକ ପଥରେ ଗମନାଗମନର ସୁବିଧା ସହିତ ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପ ଓ ଗୋପାଳପୁର ବନ୍ଦରର ଭିତ୍ତିଭୂମି ବିକାଶ ହେବାରେ ଲାଗିଛି। ଫଳରେ ଶିଳ୍ପ ବିହୀନ ଜିଲ୍ଲା ବୋଲି କୁହାଯାଉଥିବା ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ଗୋଟିଏ ପରେ ଗୋଟିଏ ବଡ ବଡ କମ୍ପାନୀ ଏଠାକୁ ଆସି ପୁଞ୍ଜି ନିବେଶ କରି ଶିଳ୍ପ ପ୍ରତିଷ୍ଠା ପାଇଁ ଅଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି।

### ● ଗୋପାଳପୁର ବନ୍ଦର ଓ ଟାଟା ଷ୍ଟିଲ୍ ଏସ୍ଇଜେଡ୍ ମଧ୍ୟରେ ୟୁଟିଲିଟି କରିଡର୍

ଗୋପାଳପୁର ବନ୍ଦର ଠାରୁ ଟାଟା ଷ୍ଟିଲ ସ୍ୱତନ୍ତ୍ର ଅର୍ଥନୈତିକ ଯୋନ ଗୋପାଳପୁର ପ୍ରକଳ୍ପ ମଧ୍ୟରେ ଏକ ୟୁଟିଲିଟି କରିଡର ନିର୍ମାଣ ପାଇଁ ନିକଟରେ ରାଜ୍ୟ ସରକାର ଘୋଷଣା କରିଥିଲେ। ଯାହାର ଭିତ୍ତିପ୍ରସ୍ତର ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାପନ କରିଛନ୍ତି। ଏହା ଦ୍ୱାରା ବନ୍ଦ ଠାରୁ ଟାଟାଷ୍ଟିଲ ଏସଇଜେଡ ପାଇଁ ରାସ୍ତାଘାଟ ସୁଗମ ହୋଇପାରିବ। ଏବଂ ମାଲ ପରିବହନ ସୁବିଧାରେ ଓ କମ୍ ସମୟରେ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାର ୧୨୮କୋଟି ୮୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି।

### ● ୨୦ରୁ କାର୍ଯ୍ୟକାରୀ ହେବ 'ସ୍ୱୟଂ' ଯୋଜନା

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବର୍ଗଙ୍କ ପାଇଁ ବିଭିନ୍ନ ଯୋଜନା କରାଯାଇଛି। ଏଥିରେ ଯୋଡି ହେବ ଆଉ ଏକ ନିଆରା ଯୋଜନା। ଛାତ୍ରଛାତ୍ରୀଙ୍କ ପାଁ ଉଦ୍ଦିଷ୍ଟ ଏହି ଯୋଜନା ହେଉଛି 'ସ୍ୱୟଂ' ଯୋଜନା। ଏହି ଯୋଜନା ଜରିଆରେ ଯୁକ୍ତ ୩ ବା ଡିଗ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀ ବା ପିଜିର ଛାତ୍ରଛାତ୍ରୀଙ୍କୁ ମିଳିବ ବୃତ୍ତି। ଛାତ୍ରମାନଙ୍କୁ ବାର୍ଷିକ ୯ହଜାର ଓ ଛାତ୍ରୀଙ୍କୁ ମିଳିବ ବାର୍ଷିକ ୧୦ହଜାର। ସିଧା ସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଏହି ଅର୍ଥରାଶି ପ୍ରଦାନ କରାଯିବ। କେବଳ ସରକାରୀ ଚାକିରିଆ ଓ ଆୟକର ପ୍ରଦାନ କରୁଥିବା ପରିବାରକୁ ଛାଡି ଅନ୍ୟ ସମସ୍ତ ବର୍ଗର ପରିବାରର ଅର୍ଥାତ୍ ଶତକଡା ୯୫ପ୍ରତିଶତ ପରିବାରର ଛାତ୍ରଛାତ୍ରୀ ଏହି ଯୋଜନାରେ ସାମିଲ ହୋଇପାରିବେ। ୭ଦିନ ମଧ୍ୟରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟରେ ଅର୍ଥ ଜମା ହେବ। ଏହି ଯୋଜନା ଚଳିତ ମାସ ୨୦ତାରିଖରୁ ଲାଗୁ ହେବ ବୋଲି ସୂଚନା ଦେଇଛନ୍ତି ୬ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

### ● ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପର ଲୋକାର୍ପଣ

ଏହି ଅବସରରେ ଜଳସମ୍ପଦ ବିଭାଗର ବହୁ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ୩୨୪କୋଟି ଟଙ୍କା ବ୍ୟୟରେ ନିର୍ମିତ ତଥା ବହୁ ପ୍ରତୀକ୍ଷିତ ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। ଏଥି ସହିତ ୨୦୩କୋଟି ଟଙ୍କାର ଢୋଲପିଟା ଜଳ ସଂରକ୍ଷଣ ପ୍ରକଳ୍ପ ଓ ହରଭଙ୍ଗୀ ଜଳସେଚନର ସମ୍ପ୍ରସାରଣ ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ଏହି ଅବସରରେ ମାନ୍ୟବର ମୁକ୍ୟମନ୍ତ୍ରୀ ୨୯୪କୋଟି ଟଙ୍କା ବ୍ୟୟରେ ଜାନିବିଲି ବ୍ୟାରେଜ ଓ ବାହାଡା, ବାହାନା ନାଳ ମୁହାଣର ଉନ୍ନତିକରଣ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିଭଳି ୧୦୨କୋଟି ଟଙ୍କାର ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଟନେଇ ବା ସୁଡଙ୍ଗର ଉଦ୍‌ଘାଟନ ସହିତ ୪୯୬କୋଟି ଟଙ୍କାର ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଡ୍ୟାମ, ଛେଳିଗଡ଼ କେନାଲ (ଭୂତଳ ପାଇପ ଲାଇନ) ଓ ନୂଆଗାଁ ବ୍ୟାରେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯାହାଦ୍ୱାରା ଉଭୟ ଗଞ୍ଜାମ ଓ ଗଜପତି ଜିଲ୍ଲାର ଜନସାଧାରଣ ଓ ଚାଷୀ ଉପକୃତ ହେବେ।

### ● ଗଞ୍ଜାମକୁ ଆସିବ ମହାନଦୀରୁ ପାଣି

ଦିନିକିଆ ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମବାସୀଙ୍କୁ ଅନେକ ଭେଟି ଦେଇଛନ୍ତି। ସେଥିମଧ୍ୟରୁ ଅନ୍ୟତମ ହେଉଛି ବୃହତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଜରିଆରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ବିନିଯୋଗ ହେବ ୧୭୮୧.୬୯କୋଟି। ଏହି ପ୍ରକଳ୍ପ ଜରିଆରେ ମହାନଦୀରୁ ପାଇପ ଯୋଗେ ଗଞ୍ଜାମ ଜିଲ୍ଲାକୁ ଆସିବ ପାନୀୟ ଜଳ। ଏହା ଦ୍ୱାରା ୨୨ଟି ବ୍ଲକ ବିଶିଷ୍ଟ ଗଞ୍ଜାମ ଜିଲ୍ଲାର ମୋଟ ୧୧ଟି ବ୍ଲକକୁ ପାନୀୟ ଜଳ ଯୋଗାଣ କରାଯିବ। ଫଳରେ ସମ୍ପୃକ୍ତ ଅଞ୍ଚଳର ଦିର୍ଘ ଦିନର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ଶୀତଳାପଲ୍ଲୀ ଠାରେ ଆୟୋଜିତ ଜନସଭାରେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଥିରେ ମାନ୍ୟବର ମୁକ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମନ୍ତ୍ରୀ ପ୍ରଦୀପ ଅମାତ, ମନ୍ତ୍ରୀ ଊଷା ଦେବୀ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଆସିକା ସାଂସଦ ପ୍ରମିଳା ବିଶୋୟୀ, ଜିଲ୍ଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ମହିଳା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିବା ସହ ଆଗାମୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

---

## କାମ କରିବାକୁ ଯାଇ ଶବ ହୋଇ ଫେରିଲେ

**ଜି.ଉଦୟଗିରି, ୧୪।୨(ସମିସ):** ବିଭିନ୍ନ ସମୟରେ ଶ୍ରମିକ ଦଲାଲଙ୍କ ଜରିଆରେ କାମ କରିବାକୁ ଯାଇ ନିର୍ଯାତନା ପାଉଥିବା ବେଳେ ଆଉ କେତେବେଳେ ଦୁର୍ଘଟଣାରେ ଜୀବନ ହରାଉଛନ୍ତି। କେରଳ କାମ କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଦୁଇ ଶିଶୁ ଅନାଥ ହୋଇଛନ୍ତି। କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ପେଟାପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡାମ୍ବକିଆ ଗ୍ରାମର ଯାଦବ ନାୟକ (୨୭) ୮ ବର୍ଷ ହେବ କେରଳର ଏର୍ଣ୍ଣାକୁଲମ ଜିଲ୍ଲା ପେରୁମବାବର୍ ଅଞ୍ଚଳରେ ପ୍ଲାଏ କମ୍ପାନୀରେ କାମ କରୁଥିଲେ। ସୋମବାର ରାତିରେ ମାର୍କେଟ ଠାରୁ ନିଜ ବସାକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିଲେ। କାମ କରୁଥିବା କମ୍ପାନୀ ମାଲିକ ଘଟଣା ବିଷୟରେ ଜାଣିବା ପରେ ଶବକୁ ଘରକୁ ପଠାଇବା ବ୍ୟବସ୍ଥା କରିଥିଲେ। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଖ୍ରୀଷ୍ଟୀୟ ରୀତିନୀତି ଅନୁସାରେ ତାଙ୍କର ଶବ ସତ୍କାର କରାଯାଇଥିଲା। ଯାଦବଙ୍କ ୯ ବର୍ଷର ଓ ୭ ବର୍ଷର ଦୁଇ ପୁଅ ଅଛନ୍ତି। ମୃତକଙ୍କ ସ୍ତ୍ରୀ ପିଲାଙ୍କୁ ଛାଡି ଅନ୍ୟତ୍ର ପଳାଇଛନ୍ତି। ଦୁଇ ପୁଅ ମୃତକଙ୍କ ବୃଦ୍ଧ ପିତାମାତାଙ୍କ ନିକଟରେ ରହି ପାଠ ପଢୁଥିଲେ। ବାପାଙ୍କୁ ହରାଇ ଅନାଥ ହୋଇଯାଇଛନ୍ତି ଦୁଇ ପିଲା। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଜାତୀୟ ସବ୍‌ଜୁନିୟର ରଗ୍‌ବୀରେ ଓଡ଼ିଶାକୁ ରୌପ୍ୟ



**ଜି.ଉଦୟଗିରି, ୧୪।୨(ସମିସ):** ଗୁଜୁରାଟର ଗାନ୍ଧୀନଗରର ଆଇଆଇଟିରେ ଚାଲିଥିବା ଜାତୀୟ ସବଜୁନିୟର ରଗବୀ ପ୍ରତିଯୋଗିତାରେ ଓଡ଼ିଶାକୁ ରୌପ୍ୟ ପଦକ ମିଳିଛି। ଓଡ଼ିଶା ଦଳ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିବା ବେଳେ କନ୍ଧମାଳ ଝିଅ ଅର୍ଚ୍ଚିତା ପ୍ରଧାନ ଭଲ ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରିଷ୍ଠ ଖେଳାଳି ହିସାବରେ ମୁଖ୍ୟଅତିଥିଙ୍କ ଠାରୁ କପ ଗ୍ରହଣ କରିଥିଲେ ଅର୍ଚ୍ଚିତା। ସେ ବହୁ ବର୍ଷ ହେଲା ଓଡ଼ିଶା ତରଫରୁ ଖେଳୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ସମାଜସେବୀ ମହମ୍ମଦ ଜିଆଉଦ୍ଦିନଙ୍କ ସହ ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ ସୁକୁମାର ବାଘ ଓ ବ୍ଲକ ସଭାପତି ସୁଷମା ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

● କନ୍ଧମାଳ ଝିଅ ଅର୍ଚ୍ଚିତା ଗ୍ରହଣ କଲେ କପ୍

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

**ବେଲଗୁଣ୍ଠା, ୧୪।୨(ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ ବନ୍ଧପଲ୍ଲୀ ସ୍ଥିତ ହନୁମାନ ମନ୍ଦିରର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଦିନ ତମାମ ସ୍ୱତନ୍ତ୍ର ପୂଜାପାଠ, ହନୁମାନ ଚାଳିଶା ପାଠ, ହୋମଯଜ୍ଞ, ଭଜନ, ସଂକୀର୍ତ୍ତନ, ନଗର ଭ୍ରମଣ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗ୍ରାମର ବିଶିଷ୍ଟ ବ୍ୟକ୍ତି ରାଜ କିଶୋର ଗୌଡ଼ ଶୁଭାରମ୍ଭ କରିଥିବାବେଳେ ଶରତ ଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ବାଜିରାମ୍ ବେହେରା, ଶ୍ୟାମସୁନ୍ଦରପୁର ଗୌଡ଼, ବିପ୍ର ଗୌଡ଼, ତ୍ରିପତୀ ପାତ୍ର, ପ୍ରଫୁଲ୍ଲ ସାବତ, ବିରୋଜ ସାବତ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜକିଶୋର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ସାବତ, ଅକ୍ଷୟ ମହାନ୍ତି, ମୃତ୍ୟୁଞ୍ଜୟ ପାତ୍ର, ଭଗବାନ ଗୌଡ଼, ବିଜୟ ଗୌଡ଼ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



## ଗେରୁପଡ଼ାରେ 'ଗାଁକୁ ଚାଲ' ଅଭିଯାନ

**ଫିରିଙ୍ଗିଆ, ୧୪।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ଗେରୁପଡ଼ା ଗ୍ରାମରେ ବୁଧବାର ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି କମ୍ମୁ ଦିଗାଲଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଏସସି ମୋର୍ଚ୍ଚା ଉପ ସଭାପତି ରାମବିଶି ଦିଗାଲ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶରଣ ମଞ୍ଜୀର, ଜିଲ୍ଲା ବିଜେପି ମିଡ଼ିଆ ସେଲ ସମ୍ପତି ଦିଗାଲ, ଫିରିଙ୍ଗିଆ ସମିତିସଭ୍ୟା ମୌସୁମୀ ପ୍ରଧାନ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ରଘୁପତି କହଁର, ମଣ୍ଡଳ ଏସସି ମୋର୍ଚ୍ଚା ସଭାପତି ସୁଶୀଳା ଦିଗାଲ ପ୍ରମୁଖ ଯୋଗ ଦେଇଥିଲେ। ବିଜେପି କର୍ମକର୍ତ୍ତା ଗାଁକୁ ଗାଁ ବୁଲି ଗାଁ କୁ ଚାଲ କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କୁ ସଚେତନ କରୁଛନ୍ତି।

## ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ

**ବେଲଗୁଣ୍ଠା, ୧୪।୨(ସମିସ):** ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡି ଗ୍ରାମରେ ଚବିଶ ପ୍ରହରୀ ଅଖଣ୍ଡ ନାମଯଜ୍ଞ ଏବଂ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋରିଷମୂଳି ନୃସିଂହନାଥ ଆଶ୍ରମ ମହନ୍ତ ସୁଧାନନ୍ଦ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ନାମ ଯଜ୍ଞରେ କୁମୁଣ୍ଡି ସମେତ ଖରିଡ଼ା, ନେଟେଙ୍ଗା, ମାଳତୀବାଡ଼ି ଏବଂ ସାନଖୋଲି ଗ୍ରାମର ସଂକୀର୍ତ୍ତନ ଦଳ ଅଖଣ୍ଡ ନାମ ପରିବେଷଣ କରୁଛନ୍ତି ଓ କୁମୁଣ୍ଡି ବେଲଗୁଣ୍ଠା ବ୍ଲକର ଏକ ଉପାନ୍ତ ଗ୍ରାମ ହୋଇଥିଲେ ମଧ୍ୟ ନାମଯଜ୍ଞ ଦେଖିବା ସହିତ ପ୍ରସାଦ ସେବନ ପାଇଁ ନିକଟସ୍ଥ ଗାଙ୍ଗପୁର, ବୋରୀ, ବିଞ୍ଝଗିରୀ, ଗୋପନଗର ସମେତ ଆଖପାଖ ବିଭିନ୍ନ ଗ୍ରାମରୁ ଲୋକଙ୍କ ସୁଅ ଛୁଟିଛି। ମା' ଠାକୁରାଣୀ ଗ୍ରାମ୍ୟ ଅନୁଷ୍ଠାନ, ଯୁବ ଗୋଷ୍ଠୀ ଏବଂ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

---

## ପତ୍ନୀକୁ ଆକ୍ରମଣ; ସ୍ୱାମୀ ଗିରଫ

**ଦିଗପହଣ୍ଡି, ୧୪।୨(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଜକର ଗ୍ରାମରେ ଜଣେ ସ୍ୱାମୀ ନିଜ ସ୍ତ୍ରୀଙ୍କୁ ମାଡମାରି ଲହୁ ଲୁହାଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ଗ୍ରାମବାସୀ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅପରପକ୍ଷରେ ମାଡ ମାରିଥିବା ଅଭିଯୁକ୍ତ ସ୍ୱାମୀଙ୍କୁ କେ. ନୂଆଗାଁ ପୁଲିସ ଗିରଫ କରିଛି। ସୂଚନା ପ୍ରକାରେ କେ. ନୂଆଗାଁ ଥାନା ଅନ୍ତର୍ଗତ କୋଳଥିଆ ଗ୍ରାମର ଖେଳମଣି ପ୍ରଧାନଙ୍କ ଝିଅ ରାଜଲକ୍ଷ୍ମୀ ଗତ ପ୍ରାୟ ୯ ବର୍ଷ ପୂର୍ବେ ଜକର ଗ୍ରାମର ବାଙ୍କ ପ୍ରଧାନଙ୍କ ପୁଅ କୃଷ୍ଣ ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହବେଳେ କନ୍ୟା ଘର ପକ୍ଷରୁ ଦାବି ମୁତାବକ ଯୌତୁକ ମଧ୍ୟ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବିରେ ରାଜଲକ୍ଷ୍ମୀଙ୍କୁ ଶ୍ୱଶୁର ଘର ପରିବାର ପକ୍ଷରୁ ନିଯାତନା ଦିଆଯାଇଥିଲା। ଏପରିକି ମଙ୍ଗଳବାର ସକାଳେ ରାଜଲକ୍ଷ୍ମୀଙ୍କୁ ଅକଥନୀୟ ଶାରୀରିକ ନିର୍ଯାତନା ଦିଆଯାଇ ହତ୍ୟା ଉଦ୍ୟମ କରାଯାଇଥିବା ଖେଳମଣି କେ. ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ଆଇଆଇସି କିଶୋର ସାମଲ ଥାନା ମାମଲା ନଂ. ୪୩/୨୪ ପ୍ରକାରେ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ବୁଧବାର ଅଭିଯୁକ୍ତ ସ୍ୱାମୀ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରାଯାଇ ଦିଗପହଣ୍ଡି କୋର୍ଟଚାଲାଣ କରାଯିବା ପରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

**ଭଞ୍ଜନଗର, ୧୪।୨(ସମିସ):** ଭଞ୍ଜନଗର ଥାନା ବଡ଼ କୋଦଣ୍ଡା ଛକ ନିକଟରେ ଥିବା ଏକ ନବ ନିର୍ମିତ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପ୍ରେମଜନିତ ହୋଇଥିବା ଅନୁମାନ କରାଯାଉଛି। ମୃତକ ହେଲେ ଫୁଲବାଣୀ ଅଞ୍ଚଳର ସୁଦାମ ଗୌଡ଼(୨୦)। ସୂଚନା ମୁତାବକ ମଙ୍ଗଳବାର ସୁଦାମଙ୍କ ଭଣଜାର ଦେହ ଅସୁସ୍ଥ ହେବାରୁ ସେ ଭଉଣୀଙ୍କ ସହିତ ବଡକୋଦଣ୍ଡା ଛକ ନିକଟରେ ଥିବା ଏକ ଘରୋଇ କ୍ଲିନିକକୁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ପରାମର୍ଶ କରି ବାହାରକୁ ଆସି ଦେଖିଲା ବେଳକୁ ସୁଦାମ ସେଠାରେ ନଥିଲେ। ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ ସମ୍ଭବ ହୋଇ ନଥିଲା। ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ଭଉଣୀ ଘରକୁ ଫେରି ଥିଲେ। ଆଜି ସକାଳ ସମୟରେ ଘର ମାଲିକ ଯାଇ ଦେଖିଲା ବେଳକୁ ଯୁବକ ଜଣଙ୍କ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ଭଞ୍ଜନଗର ଥାନାରେ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କେସନଂ ୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଭଞ୍ଜନଗର ମେଡ଼ିକାଲ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।




## କାୟାକଳ୍ପ ଟିମ୍‌ର '୫-ଟି' ମେଡିକାଲ ପରିଦର୍ଶନ

ଭଞ୍ଜନଗର, ୧୪।୨(ସମିସ)



ରାଜ୍ୟ ସରକାର ଜନସାଧାରଣଙ୍କୁ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବା ଉଦ୍ଦେଶ୍ୟରେ ମେଡ଼ିକାଲ ଗୁଡିକୁ ମୋ'ହସ୍ପିଟାଲ ଯୋଜନାରେ ସାମିଲ କରିଛନ୍ତି। ଏହି ଅବସରରେ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାରେ ବୁଧବାର ରାଜ୍ୟ କାୟାକଳ୍ପ ଟିମ୍ ପହଞ୍ଚି ମେଡ଼ିକାଲର ସ୍ଥିତି ଅନୁଧ୍ୟାନ କରିଛନ୍ତି। '୫-ଟି'ରେ ରୂପାନ୍ତରଣ ହୋଇ ନୂତନ ରୂପରେଖ ପାଇଥିବା ଏହି ହସ୍ପିଟାଲର ଚିକିତ୍ସା ବ୍ୟବସ୍ଥା ଏବଂ ସମସ୍ତ ବିଭାଗ ବୁଲି ଦେଖିବା ସହ ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ଏସଏନସିୟୁ, ଡ଼ାଏଲିସିସ, ରକ୍ତ ଭଣ୍ଡାରର କାର୍ଯ୍ୟକାରିତା ଦେଖି ଏହି ଟିମ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଡାକ୍ତର ଓ ଅନ୍ୟ କର୍ମଚାରୀ ମାନଙ୍କର କାର୍ଯ୍ୟ କଳାପରେ ଖୁସି ଥିବା ଜଣାପଡ଼ିଛି। ଏହି ଟିମରେ ରାଜ୍ୟରୁ ଡ଼ା.ସତ୍ୟ ରଞ୍ଜନ ପାଣିଗ୍ରାହୀ, ଡ଼ା.ସମ୍ବିତ ଜେନା, ଡ଼ା. କଲ୍ଲୋଳ ଦାଶ, ଡ଼ା. ମାଧୁରୀ ସ୍ୱାଇଁ, ଜିଲ୍ଲାର ସହକାରୀ ପରିଚାଳକ ସଞ୍ଜୟ କୁମାର ପରିଡ଼ା, ପ୍ରଦୀପ କୁମାର ସାହୁ, ଭଞ୍ଜନଗର ଏସଡିଏମଓ ସିତାଂଶୁ ଶେଖର ଶତପଥୀ, ଡ଼ା. ବି. ପ୍ରଣବାନନ୍ଦ ପାତ୍ର, ଡ଼ା.ସୀମାଞ୍ଚଳ ଡାକୁଆ, ଡ଼ା. ଗୋବିନ୍ଦ ବିଶ୍ୱାସ, ମେଡ଼ିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

Skilled in ODISHA

ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୩-୨୪

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୂଲ୍ୟରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ କଟକଙ୍କ ସହଯୋଗରେ ଆସନ୍ତା **ତା.୧୬.୦୨.୨୦୨୪ରିଖ (ଶୁକ୍ରବାର)** ଦିନ ବାଙ୍କୀ ବ୍ଲକ୍ କଚେରୀ ପଡ଼ିଆ, ବାଙ୍କୀ ଓ **ତା.୧୭.୦୨.୨୦୨୪ରିଖ (ଶନିବାର)** ଦିନ ନିଶ୍ଚିନ୍ତ କୋଇଲି ବ୍ଲକ୍ ନିକଟ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତି ଦାତାମାନେ ଯୋଗଦେବେ। ନିଯୁକ୍ତ ଦାତାଙ୍କ ମଧ୍ୟରୁ କେତେକ ନିଯୁକ୍ତିଦାତା ସିଧାସଳଖ ନିଯୁକ୍ତି ଦେବେ ଓ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ୍ ପରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ରହିଛି ।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଇଚ୍ଛୁକ ଥିବା ପ୍ରାର୍ଥୀ / ପ୍ରାର୍ଥୀନୀମାନେ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଓ ନିଜର ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ **ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା** ମଧ୍ୟରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ।

ପ୍ରକାଶ ଥାଉକି : ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ।

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, କଟକ — ଜିଲ୍ଲା ପ୍ରଶାସନ, କଟକ

ଯୋଗାଯୋଗ: ୦୬୭୧-୨୩୬୦୦୭୭

# ଆଣ୍ଟି ରାଗିଂ କମିଟିର ପୂର୍ଣ୍ଣାଙ୍ଗ ବୈଠକ ଆଜି

## ଏମକେସିଜିରେ ଜୁନିଅର ଡାକ୍ତରୀ ଛାତ୍ରଙ୍କୁ ରାଗିଂ ଘଟଣା

**ବ୍ରହ୍ମପୁର,୧୪।୨(ସମିସ)**

ଏମକେସିଜି ମେଡିକାଲ କଲେଜରେ ଦ୍ୱିତୀୟ ବର୍ଷର ଏମବିବିଏସ ଛାତ୍ର ରୁଦ୍ର ରାଉତଙ୍କୁ ସିନିଅର ଛାତ୍ରଙ୍କ ରାଗିଂ ଘଟଣା କ୍ରମଶଃ ଜଟିଳ ହେବାରେ ଲାଗିଛି। ଘଟଣାରେ ୪ର୍ଥବର୍ଷର ଦୁଇଜଣ ଛାତ୍ରଙ୍କର ସମ୍ପୃକ୍ତି ଥିବା ଜଣାପଡିଛି। ତେବେ ଏହାକୁ ନେଇ ସମାନ୍ତରାଳ ଭାବେ ପୁଲିସ ଓ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୃଥକ ପୃଥକ ତଦନ୍ତ ଚାଲିଛି। କଲେଜ ପକ୍ଷରୁ ଗଠିତ ୪ଜଣିଆ କମିଟିରେ ଉଭୟ ପକ୍ଷ ନିଜନିଜର ଅଭିଯୋଗ ଓ ମତ ରଖିଥିବା ବେଳେ ଥାନାରେ ମଧ ଆକ୍ରମଣକାରୀ ଦୁଇ ସିନିଅର ଡାକ୍ତରୀ ଛାତ୍ର ହାଜର ହୋଇ ଲିଖିତ ବୟାନ ରଖିଛନ୍ତି। ଗୁରୁବାର ଆଣ୍ଟି ର‌୍ୟାଗିଂ କମିଟିର ପୂର୍ଣ୍ଣାଙ୍ଗ ତଥା ଜରୁରୀ ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏମକେସିଜି ମେଡ଼ିକାଲ କଲେଜରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ କଲେଜ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର ଏହି ବୈଠକରେ ଅଧକ୍ଷତା କରିବେ। ବୈଠକରେ କଲେଜର ଉପାଧ୍ୟକ୍ଷ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥି, ପ୍ରଫେସର ଡାକ୍ତର ସାଗର ପୃଷ୍ଟି, ପ୍ରଫେସର ଡା. ସୁଦିପ୍ତା ଦାଶ ଓ ପ୍ରଫେସର ଡା. ମନୋଜ ପାତ୍ରଙ୍କ ସମେତ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିବେ। ବୈଠକରେ ଉଭୟ ଅଭିଯୋଗକାରୀ ଛାତ୍ର ଓ ଆକ୍ରମଣକାରୀ ଛାତ୍ର ମଧ ଉପସ୍ଥିତ ରହିବେ ବୋଲି ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସୂଚନା ଯୋଗ୍ୟ




ଯେ, ଗତ ଶୁକ୍ରବାର ବିଳମ୍ବିତ ରାତିରେ କଲେଜର ବ୍ୟାଣ୍ଡ ଅଭ୍ୟାସ କରି ନିଜ ରୁମକୁ ଫେରୁଥିବା ବେଳେ ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ରୁଦ୍ର ରାଉତଙ୍କୁ ଦୁଇଜଣ ସିନିଅର ଛାତ୍ର ଲିଫ୍ଟ ମାଗିଥିଲେ। ସେମାନଙ୍କୁ ନେଇ ରୁଦ୍ର ମେଡିକାଲ ଫାଣ୍ଡି ନିକଟରେ ଛାଡିବା ପରେ ସେଠାରେ ଥିବା ୪ର୍ଥ ବର୍ଷର ଛାତ୍ର ଷ୍ଟାଲିନ ମହାପାତ୍ର ଓ ଜ୍ୟୋତିପ୍ରକାଶ ରାଉତ ବିନା କାରଣରେ ରୁଦ୍ରଙ୍କୁ ଆକ୍ରମଣ କରିଥିଲେ। ଯେଉଁଥିରେ ରୁଦ୍ର ଗୁରୁତର ଆହତ ହୋଇଥିଲେ। ଏନେଇ ରୁଦ୍ର ଏମକେସିଜି ମେଡ଼ିକାଲ କଲେଜ ଡ଼ିନ ଓ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଣ୍ଟି ର‌୍ୟାଗିଂ କମିଟି ବୈଠକର ନିଷ୍ପତ୍ତି ଉପରେ ଦୁଇ ଆକ୍ରମଣ ଛାତ୍ରଙ୍କ ଭବିଷ୍ୟତ ନିର୍ଭର କରୁଛି।

# ଅନନ୍ତନଗର ବୋମାମାଡ଼ ଘଟଣା, ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ପୁଲିସ

**ବ୍ରହ୍ମପୁର,୧୪।୨(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅନନ୍ତନଗର ୭ମ ଲାଇନରେ ଭଡାରେ ରହୁଥିବା ଛତ୍ରପୁର ଷ୍ଟେସନ ରୋଡ଼ ନିବାସୀ ଜଲାଲ୍ ଖାନଙ୍କ ଘର ଉପରକୁ ବୋମାମାଡ଼ ଘଟଣାରେ ପୁଲିସ ବିଫଳ ହୋଇଛି। ଅଭିଯୋଗ ଭିତ୍ତିରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ତେବେ ଦିର୍ଘ ଦିନ ପରେ ମଧ ପୁଲିସ ଏହି ମାମଲାରେ କାହାକୁ ଗିରଫ କରିପାରିନାହିଁ। ଦିନ ଗଡିବା ସହିତ ମାମଲାଟି ଲୋକଙ୍କ ନଜରରୁ ହଟିବାକୁ ବସିଛି। ଅନ୍ୟପକ୍ଷରେ ଅଭିଯୋଗକାରୀ ମଧ ଘଟଣାକୁ ନେଇ ଚୁପ ରହିଥିବା ଜଣାପଡିଛି। ଫଳରେ ବୋମାମାଡ଼ କରିଥିବା ଅଭିଯୁକ୍ତ ଓ ଅଭିଯୋଗକାରୀଙ୍କ ମଧରେ ପୂର୍ବରୁ ସମ୍ପର୍କ ଥିବାନେଇ ପୁଲିସ କରୁଥିବା ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ଜଲାଲ୍ ଖାନ୍ ଦୀର୍ଘ ଏକବର୍ଷ ଧରି ବ୍ରହ୍ମପୁରର ଅନନ୍ତ ନଗରରେ ଏକ ଭଡ଼ାଘରେ ବ୍ୟବସାୟୀ କରିବା ଉଦ୍ଦେଶ୍ୟରେ ରହି ଆସୁଛନ୍ତି। ଗତ ଡିସେମ୍ବର ୨୫ତାରିଖ ବିଳମ୍ବିତ ରାତିରେ କେହି ନଥିବା ସମୟରେ ଘର ଉପରକୁ ବୋମାମାଡ଼ ହୋଇଥିଲା। ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ଏହି ବୋମାମାଡ଼ କରିଥିବା ଜଲାଲଙ୍କ ଉପର ଘର ଲୋକେ ତାଙ୍କୁ ସୂଚନା ଦେଇଥିଲେ। ଖବରପାଇ ବୈଦ୍ୟନାଥପୁର ଥାନା ପୁଲିସ ଓ ୧୧୨ଭ୍ୟାନ ଘଯଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରୁ ପୁଲିସ ବୋମାର କିଛି ଅଂଶବିଶେଷ ଜବତ ମଧ କରିଥିଲା। ଘଟଣାକୁ ୨ମାସ ବିତିବାକୁ ଯାଉଥିଲେ ହେଁ ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସ ବିଫଳ ରହିଛି। ଏହି ଘଟଣାରେ ଶୁଭମ ନାମକ ଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ତେବେ ପୁଲିସ ଆଗକୁ କି ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଗଞ୍ଜାମକୁ ୭ ପଦକ



**ବ୍ରହ୍ମପୁର,୧୪।୨(ସମିସ):** ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର କ୍ରୀଡାବିତମାନେ ସୁନାମ ଅର୍ଜନ କରିବା ସହିତ ୭ଟି ପଦକ ହାସଲ କରିଛନ୍ତି। ସୂଚନା ମୁତାବକ ଗତ ୧୨ ଓ ୧୩ତାରିଖରେ ଭୂବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ଓଡିଶା ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତା ୨୦୨୪ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୭୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୩ଟି ବର୍ଗରେ ଏହି କ୍ରୀଡା ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ବର୍ଗରେ ଖେଳାଳୀମାନେ ନିଜର ଉଚ୍ଚକୋଟୀର ପ୍ରତିଭା ଦେଖାଇବା ସହ ସୁନାମ ଅର୍ଜନ କରିଛନ୍ତି। ଏସ-୯ ବର୍ଗରେ ପୂର୍ଣ୍ଣଚନ୍ଦ୍ର ସେଠୀ ୫୦ମିଟର, ୧୦୦ମିଟର ଏବଂ ବଟରଫ୍ଲାଏ ୫୦ମିଟରରେ ସ୍ୱର୍ଣ୍ଣ ପଦକ ଓ ରାଜେନ୍ଦ୍ର କୁମାର ଜେନା ୧୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଏସ-୮ ବର୍ଗରେ ଗଣେଷ ଗୌଡ ୫୦ ଓ ୧୦୦ମିଟରରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ବଟରଫ୍ଲାଏ ୫୦ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାକୁ ନେଇ କ୍ରୀଡାବିତମାନେ ବେଶ ଖୁସି ଥିବାବେଳେ ସମସ୍ତ ଶ୍ରେୟ କୋଚ ଏହସାନ ହୁସେନ, କ୍ରୀଡା ସଂଯୋଜକ ସ୍ୱାଗତ କୁମାର ମହାପାତ୍ର ଓ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ସମେତ ବ୍ରହ୍ମପୁର ଷ୍ଟାଡିୟମ କର୍ତ୍ତୁପକ୍ଷଙ୍କୁ ଦେଇଛନ୍ତି।

# ସକ୍ରିୟ ରାଜନୀତିରେ ଯୋଗଦେଲେ ଯୋଗୀ ଦେବଦତ୍ତ ମହାରାଜ



**ବ୍ରହ୍ମପୁର,୧୪।୨୯(ସମିସ):** ସନ୍ୟାସ ଗ୍ରହଣର ଦିର୍ଘ ବର୍ଷ ପରେ ଦିଗପହଣ୍ଡି ଅଞ୍ଚଳର ଯୋଗୀ ଦେବଦତ୍ତ ମହାରାଜ ସକ୍ରିୟ ରାଜନିତିରେ ପାଦ ଥାପିଛନ୍ତି। ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ବିଜେପି ପ୍ରଭାରୀ ସାଂସଦ ବିଜୟ ପାଲସିଂ ତୋମାର, ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର, କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗୀ ଦେବଦତ୍ତ ମହାରାଜ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ଡ଼. ସୁବାଷ ସାହୁଙ୍କ ନେତୃତ୍ୱରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଶ୍ରୀମାଁ ହରପ୍ରିୟା ଆଶ୍ରମର ମୁଖ୍ୟ ପରିଚାଳକ ଯୋଗୀ ଦେବଦତ୍ତ ମହାରାଜ ନିଜ ସମର୍ଥକଙ୍କ ସହ ସକ୍ରିୟ ରାଜନିତିରେ ପ୍ରବେଶ କରିଛନ୍ତି। ଏହି ଅବସରରେ ବନମାଳୀ ଜେନା, ସନ୍ତୋଷ ପାତ୍ର, ସିମାଞ୍ଚଳ ଗୌଡ଼, ସୁଦର୍ଶନ ନାୟକ, ଅରୁଣ ଗୌଡ଼, ସାରଦା ବିଶୋଇ, ଧୋବା ବେହେରା, କୁଶ ରେଡ୍ଡୀ, ସନ୍ତୋଷ ପ୍ରଧାନ, ମଧୁ ଦଳେଇ, ଚନ୍ଦ୍ରମଣି ପାତ୍ର, ଏଚ ସୁଦାମ, ବଇଁଶୀ ସେଠି, ଆରତୀ ପଣ୍ଡା, ଦେବରାଜ ନାୟକ, ରମେଶ ମଲ୍ଲିକ, ବଳରାମ ମଲ୍ଲିକ, କେଦାର ଗୌଡ଼, ବାବୁଲା ଗୌଡ଼, ପ୍ରତାପ ଚନ୍ଦ୍ର ଗୌଡ଼, ବାବୁ ଦଳେଇ, ପରକ୍ଷିତ ସାହୁ, କୁମାର ଗୌଡ଼, ମୁନ୍ନା ରେଡ୍ଡୀ, ଶିବରାମ ମାର୍ଦଳା, କେଦାର ବାଡତ୍ୟା, ଦୀପକ ରେଡ୍ଡୀ, ବୁଲୁ ଦାସ, ବାବୁ ବେହେରା, ଶୁକଦେବ ବେହେରା, ଧୀରେଶ ଦାସ ଓ ଗୋପାଳକୃଷ୍ଣ ମେକାପ ପ୍ରମୁଖ ଉପସ୍ଥିତ ଥିଲେ।

# କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ



**ବ୍ରହ୍ମପୁର,୧୪।୨(ସମିସ):** ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ନମ୍ବର ୭ସ୍ଥିତ ଦ୍ୱିତୀୟ ଗୌଡ଼ସାହିରେ ବୁଧବାର କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ମରଣୋତ୍ତର ଚକ୍ଷୁ ଦାନ

**ବ୍ରହ୍ମପୁର,୧୪।୨(ସମିସ):** ସ୍ଥାନୀୟ ହନୁମାନ ବଜାର ଅଞ୍ଚଳର ଇ. ବିପ୍ର ଚରଣ ପାତ୍ରଙ୍କର ୮୭ବର୍ଷ ବୟସରେ ନିଜ ବାସଭବନରେ ଦେହାନ୍ତ ଘଟିଛି। ମୃତ୍ୟୁ ପରେ ସ୍ୱର୍ଗତ ପାତ୍ରଙ୍କ ପୂର୍ବଇଚ୍ଛା ମୁତାବକ ପରିବାର ଲୋକେ ତାଙ୍କ ଚକ୍ଷୁଦାନ ନିମନ୍ତେ ବୁଧବାର ଏମକେସିଜି ମେଡ଼ିକାଲର ଚକ୍ଷୁ ବିଭଗକୁ ଯୋଗାଯୋଗ କରିଥିଲେ। ଏହା ପରେ ଚକ୍ଷୁ ବିଭାଗର ଡ଼ଃ. ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଡ଼ାକ୍ତରୀ ଟିମ ପହଞ୍ଚି ସ୍ୱର୍ଗତ ପାତ୍ରଙ୍କ ଉଭୟ ଚକ୍ଷୁ ସଂଗ୍ରହ କରିଥିଲେ। ଏହି ସମୟରେ ପୁଅ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀଙ୍କ ସମେତ ସମାଜସେବୀ ଆକାଶ କୁମାର ସାହୁ ଏବଂ ଶ୍ରୀତମ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ବିପ୍ରଙ୍କ ପରିବାରର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରସଂଶା କରାଯାଇଛି।

## ଚିନାଲିଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା; କାନ୍ତା ଗିରଫ

# ପୁଲିସ ସ୍କାନରରେ ଶଙ୍କର ସମେତ ଅନ୍ୟ ଅଭିଯୁକ୍ତ

**ବ୍ରହ୍ମପୁର,୧୪।୨(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଆଡୁଆ ସାହି ନିବାସୀ କେ.ଦୁର୍ଯ୍ୟୋଧନ ରେଡ୍ଡୀ ଓରଫ ଚିନାଲିଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଶ୍ରୀକାନ୍ତ ପାତ୍ର ଓରଫ କାନ୍ତା। କାନ୍ତା ଜଣେ ପୁରୁଣା ଦୁର୍ଦ୍ଦାନ୍ତ ଅପରାଧୀ। କାନ୍ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ କହିଛି। ବର୍ତ୍ତମାନ ଏହି ଘଟଣାରେ ଶଙ୍କରଙ୍କ ସମେତ ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ଘଟଣା ପରେ ଶଙ୍କର ଗିରଫଦାରୀକୁ ଏଡାଇବାକୁ ଯାଇ ଫେରାର ହୋଇଯାଇଛି। ଶଙ୍କରକୁ ଗିରଫ କରିବା ପରେ ଅନ୍ୟ କାହାର କାହାର ଏଥିରେ ସମ୍ପୃକ୍ତି ରହିଛି ଓ ଆକ୍ରମଣର ପ୍ରକୃତ କାରଣ କଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।



ସୂଚନାଯୋଗ୍ୟ ଯେ, ଗତ ୧୨ତାରିଖ ରାତି ସାଢ଼େ ୯ଟା ସମୟରେ ଦୁର୍ଯ୍ୟୋଧନ ଓରଫ ଚିନାଲି ଗୋଇଲୁଣ୍ଡି ସ୍ଥିତ ନିଜ ୱାର୍କସର୍ପକୁ ଯାଇଥିଲେ। ଏହି ସମୟରେ କାନ୍ତା, ଶଙ୍କର ଏବଂ ଅନ୍ୟ ୩ଜଣ ସହଯୋଗୀ ଚିନାଲିକୁ ଲୁହାରଡ଼ ଓ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖଣ୍ଡାଚୋଟରେ ଚିନାଲିଙ୍କ ମୁଣ୍ଡ, ହାତ, ପିଠି ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା ବୋଲି ଥାନାରେ ଅଭିଯୋଗ କରିଛନ୍ତି ଆହତ ଚିନାଲିଙ୍କ ଭାଇ କେ.ଧର୍ମା ରାଓ। ଅଭିଯୁକ୍ତମାନେ ଚିନାଲିକୁ ଆକ୍ରମଣ କରିବା ପରେ ନିକଟରେ ଥିବା ଏକ ପୋଖରୀ ଦେଇ ଚାଲିଯାଇଥିଲେ ବୋଲି ଅଭିଯୋଗ ହୋଇଛି। ଆହତ ଚିନାଲିକୁ ତାଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ବୈଦ୍ୟନାଥପୁର ଥାନା ପୁଲିସ ମେଡ଼ିକାଲରେ ପହଞ୍ଚି ଚିନାଲିଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ତେବେ ଅଭିଯୋଗ ଆଧାରରେ ପୁଲିସ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କାନ୍ତା ପାତ୍ରକୁ ଗିରଫ କରିଥିବା ବେଳେ ଶଙ୍କରଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

# ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମା’ ସରସ୍ୱତୀଙ୍କ ପୂଜାର୍ଚ୍ଚନା

**ବ୍ରହ୍ମପୁର,୧୪।୨(ସମିସ)**

ପବିତ୍ର ଶ୍ରୀପଞ୍ଚମୀ ଅବସରରେ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷଅନୁଷ୍ଠାନରେ ବୁଧବାର ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କୁ ପୁଜାର୍ଚ୍ଚନା କରାଯାଇଛି। ବିଦ୍ୟାର୍ଥୀମାନେ ନୂଆ ପୋଷାକ ପରିଧାନ କରି ସରସ୍ୱତୀଙ୍କୁ ସ୍ମରଣ କରିଥିଲେ। ବିଦ୍ୟାପ୍ରାପ୍ତି ନିମନ୍ତେ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କର ପୂଜା ଓ ଆରାଧନା କରିଥିଲେ। ଦେବୀ ସରସ୍ୱତୀଙ୍କର ଆଶୀର୍ବାଦ ପ୍ରାପ୍ତି ନିମିତ୍ତ ବିଦ୍ୟାର୍ଥୀମାନେ ନିଜର ପାଠ୍ୟପୁସ୍ତକ ଆଦିକୁ ମାଙ୍କ ନିକଟରେ ସମର୍ପଣ କରି ପୂଜା କରିଥିଲେ। ଏଥିଲାଗି ଚଳଚଞ୍ଚଳ ହୋଇଥିଲା ସହରର ସମସ୍ତ ଶିକ୍ଷାନୁଷ୍ଠାନ। ଶିକ୍ଷାନୁଷ୍ଠାନରେ ପଣ୍ଡିତମାନେ ବିଦ୍ୟାଦାତ୍ରୀ ମା'ଙ୍କ ମନ୍ତ୍ର ପାଠ କରିଥିବା ବେଳେ ହୋମଯଜ୍ଞ କରି ପୂଜା କରାଯାଇଥିଲା। ସେହିପରି ଶିକ୍ଷାଗ୍ରହଣ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ଶିଶୁଙ୍କୁ ଖଡ଼ି ଛୁଆଁଇବାର ଅନ୍ୟଏକ ନିଆରା ପରମ୍ପରା ରହିଥିବା ବେଳେ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଅଧ୍ୟୟନର ମୂଳଦୂଆ ଭାବେ ଖଡ଼ିଛୁଆଁ ହୋଇଥିଲା। ଏହି ଅବସରରେ ବ୍ରହ୍ମପୁର ସହରର ଚାଚା ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭିଭି ଗିରି ପ୍ରଶିକ୍ଷଣ ବାଳିକା ବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଶଶି ଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ଉତ୍ସବ ମୁଖର ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ସସସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।













# ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି



**ଜି.ଉଦୟଗିରି,୧୪।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରର ପଦାସାହିର ବଡକକଟିର ସୌନ୍ଦର୍ଯ୍ୟଭରା ସ୍ଥାନରେ ଶ୍ରୀରାମ ମନ୍ଦିର ନିର୍ମାଣ କରିବା ନିଷ୍ପତ୍ତି ହୋଇଛି। ଏଥି ପାଇଁ ଦୁଇ ବର୍ଷ ହେଲା ଉଦ୍ୟମ ଜାରି ରଖିଛନ୍ତି ପଦାସାହି ବାସିନ୍ଦା । ପଣ କରିଛନ୍ତି ଶ୍ରୀରାମ ମନ୍ଦିର ନିର୍ମାଣ ନିଶ୍ଚିତ ଭାବେ କରିବେ। ମନ୍ଦିର ନିର୍ମାଣ ପାଇଁ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ଲୋକେ ଅନୁରୋଧ କରିଛନ୍ତି। ନିଶ୍ଚିତ ଭାବେ ଖୁସି ଖବର ମିଳିବ ବୋଲି ଆଶାବାଦୀ ଅଛନ୍ତି । ପ୍ରତି ସଂକ୍ରାନ୍ତିରେ ପ୍ରସ୍ତାବିତ ସ୍ଥାନରେ ନାମଯଜ୍ଞ ଆୟୋଜନ ସହିତ ଲୋକଙ୍କ ସାହାଯ୍ୟ କାମନା କରାଯାଉଛି। ଚଳିତ ସଂକ୍ରାନ୍ତିରେ ଶତାଧିକ ରାମ ଭକ୍ତ ଛୋଟ ଛୋଟ ଦାନ ନେଇଥିବା ବେଳେ ପ୍ରତିଦିନ ଦାନ ସଂଗ୍ରହ କରି ମୁଖ୍ୟ ଦାନବକ୍ସ ରେ ଏକାଠି କରାଯିବ। ଏଥି ପାଇଁ ସମସ୍ତେ ପ୍ରସ୍ତୁତ ହୋଇ ରାମ କାମ କରିବାକୁ ଶପଥ ନେଇଛନ୍ତି। କମିଟି ତରଫରୁ ସୁଦାମ କୁମାର ପାତ୍ର, ଭାଗବତ ଆର୍ଜେଲି, ଶଙ୍କର ବାଘ, ହେମନ୍ତ ପ୍ରଧାନ, କବିରାଜ ମହାନ୍ତି, ଶଶି ମହାପାତ୍ର, ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ପ୍ରଦୀପ ନାୟକ ଓ ବାଲ ସୁବ୍ରମଣ୍ୟମ ମନ୍ଦିର ନିର୍ମାଣ ଉଦ୍ୟମ ଜାରି ରଖିଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା

**ପାରଳାଖେମୁଣ୍ଡି,୧୪।୨(ସମିସ):** ପାରଳାଖେମୁଣ୍ଡି ସହରର ବିଭିନ୍ନ ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନରେ ବିଦ୍ୟାଦେବୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍କୁଲ ଓ କଲେଜ ପରିସରରେ ଛାତ୍ରଛାତ୍ରୀ ନୂତନ ପୋଷାକ ପରିଧାନ କରି ସକାଳୁ ମାଙ୍କ ଦର୍ଶନ କରିବା ସହ ପୂଜା କରିଥିଲେ। ସହରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସହ ଅନ୍ୟ ଶିକ୍ଷାନୁଷ୍ଠାନରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହୋଇଥିଲା । ବିଦ୍ୟାର୍ଥୀ ବିଧି ଅନୁଯାୟୀ ସକାଳେ ପୁଷ୍ପାଞ୍ଜଳି ଅର୍ପଣ କରିବାପରେ ଜଳପାନ ଗ୍ରହଣ କରିଥିଲେ । ବିଭିନ୍ନ ସାହି ତଥା ଛକ ସ୍ଥାନରେ ମା ସରସ୍ୱତୀଙ୍କ ମୂର୍ତ୍ତୀ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି।

**ଟିକାବାଲି:** କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳରେ ସରସ୍ୱତୀ ପୂଜା ମହାଆଡମ୍ବରରେ ପାଳିତ ହୋଇଛି। ପ୍ରତ୍ୟେକ ସରକାରୀ ଏବଂ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ସାଜସଜା କରାଯାଇଥିଲା। ଅଞ୍ଚଳରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ବଡି ଭୋର ଉଠି ଫୁଲ ସଗ୍ରହ କରିବା ସହ ଫୁଲ, ନଡିଆ ଧୂପ ଧରି ନୁତନ ପୋଷାକ ପରିଧାନ କରି ଶିକ୍ଷା ଅନୁଷ୍ଠାନରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏଏମସିଏସ ମହାବିଦ୍ୟାଳୟ , ସରକାରୀ ଉଚ୍ଚ ବିଦ୍ୟାଳୟ , ଆଦର୍ଶ ବିଦ୍ୟାଳୟ ସଲପଗାଁ, ଏବଂ ଅନ୍ୟାନ୍ୟ ବିଦ୍ୟାଳୟରେ ସରସ୍ୱତୀଙ୍କ ମେଢ଼ ଦେଖିବା ପାଇଁ ଭିଡ ଜମିଥିଲା।



# ପୁଲୱାମା ସହିଦଙ୍କ ସ୍ମୃତିରେ ରକ୍ତଦାନ ଶିବିର, ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ






**ଫୁଲବାଣୀ,୧୪।୨(ସମିସ):** ଆଜିର ଦିନରେ ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ ଜଣ ସିଆରପିଏଫ୍ ଯବାନ ସହିଦ ହୋଇଥିଲେ। ସହିଦଙ୍କ ବଳିଦାନକୁ ସମ୍ମାନ ଜଣାଇ ଟିମ ହ୍ୟୁମାନିଟି କନ୍ଧମାଳ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବୁଧବାର ସକାଳ ୮ ସମୟରେ ଟିମ ହ୍ୟୁମାନିଟି କନ୍ଧମାଳର ଆବାହକ ଭି.ଲୋକନାଥ ରାଜୁଙ୍କ ନେତୃତ୍ୱରେ ଫୁଲବାଣୀ ରକ୍ତ ଭଣ୍ଡାରରେ ଟିମର ସଦସ୍ୟ ଏକତ୍ର ହୋଇଥିଲେ । ସେଠାରୁ ସହିଦ ଯବାନଙ୍କ ତୈଳଚିତ୍ର ଥିବା ଏକ ବ୍ୟାନର ନେଇ ଟିମର ସଦସ୍ୟ ସହିଦ ଯବାନ ଅମର ରହେ ଓ ଜୟ ଯବାନ ନାରା ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆୟୋଜିତ ରକ୍ତଦାନ ଶିବିରକୁ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉଦଘାଟନ କରିବା ସହିତ ଟିମ୍‌ର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଚିକିତ୍ସା ମୁଖ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ପଣ୍ଡା, ସିନିୟର ଆସିଷ୍ଟାଣ୍ଟ ମନୋଜ କୁମାର ପଣ୍ଡା, ଏ ଡିପିଏଚଓ ଧର୍ମେନ୍ଦ୍ର ତାଣ୍ଡି, ଟାଉନ ଥାନା ଅଧିକାରୀ କନକ କୁମାର ମାଝୀ , ଜିଲ୍ଲା ପରିବହନ ଅଧିକାରୀ ଶିଶିର କୁମାର ସାହୁ, ଫୁଲବାଣୀ ରେଞ୍ଜର ଶିବାନନ୍ଦ ଲେଙ୍କା,ଫୁଲବାଣୀ ରକ୍ତଦାନ ସମିତି ର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ସଦସ୍ୟ ମନୋଜ କୁମାର ଚୌଧୁରୀ ଉପସ୍ଥିତ ଥିଲେ। ଶିବିରରେ ରକ୍ତଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷଙ୍କ ନେତୃତ୍ୱରେ ଟେକ୍ନିସିଆନ୍ ଦିନକୃଷ୍ଣ ମହନ୍ତ, ସାକେତ ରାଣୀ ନାଏକ ଏବଂ କର୍ମଚାରୀ ସଞ୍ଜୁକ୍ତା ଦଳଛତ୍ର, ବରୁଣ ବେହେରା ଏବଂ ପ୍ରଶାନ୍ତ କୁମାର ରତ୍ନାଲୁ ରକ୍ତ ସଂଗ୍ରହ କରିଥିଲେ । ଏଥିରେ ଟିମ୍‌ର ସମସ୍ତ ସଦସ୍ୟ ଏବଂ ରକ୍ତଭଣ୍ଡାରର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଶିବିରରେ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

ଏଥିସହିତ କନ୍ଧମାଳ ଷ୍ଟାଡିୟମରେ ଦିନିକିଆ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ, ବ୍ରହ୍ମପୁର, ଭଞ୍ଜନଗର, ବୌଦ୍ଧ, ଅନୁଗୋଳ ଏବଂ ସୋନପୁରର ୧୬ ଟିମ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ପୁଲିସ୍ ରିଜର୍ଭ ଇନ୍ସପେକ୍ଟର ବିରସିଂ ଶବର ଉଦଘାଟନ କରିଥିଲେ। ଏହି ଅବସରରେ ରେଞ୍ଜର ଶିବାନନ୍ଦ ଲେଙ୍କା ଓ ବରିଷ୍ଠ ବ୍ୟାଡମିଣ୍ଟନ ଖେଳାଳି ପ୍ରଶାନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ବିଜେତାଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ।

# ଗ୍ରାମ୍ୟ ପରିକ୍ରମା ଯାତ୍ରା



**ଜି.ଉଦୟଗିରି,୧୪।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କତିଗିଆ ପଞ୍ଚାୟତରେ ବିଜେପି ତରଫରୁ ଗ୍ରାମ୍ୟ ପରିକ୍ରମା ଯାତ୍ରା ଆରମ୍ଭ ହୋଇଛି। ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନ, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ କୈଳାସ ପ୍ରଧାନ, ମଣ୍ଡାସୁର ମଣ୍ଡଳ ସଭାପତି ବିରେନ୍ଦ୍ର ପ୍ରଧାନଙ୍କ ସହିତ ସାମନ୍ତ ପ୍ରଧାନ, ଗାନ୍ଧୀ ପ୍ରଧାନ, ଖଗେଶ୍ୱର ପ୍ରଧାନ, ସଂଜୀବ ପ୍ରଧାନ, ସତ୍ୟଭାମା ପ୍ରଧାନ ଓ ପ୍ରମିଳା ପ୍ରଧାନ ଯୋଗ ଦେଇଥିଲେ। ଗୋ ପୂଜନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା।

# ଲକ୍ଷ୍ମୀନୃସିଂହ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ



**ନୂଆଗଡ଼, ୧୪।୨ (ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଲକ୍ଷ୍ମୀନୃସିଂହ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ନାଚଗୀତରେ ଉପସ୍ଥିତଙ୍କୁ ମୋହିତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଖେଳ,ନାଚ,ଗୀତ, ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ପ୍ରଫୁଲ୍ଲ କୁମାର ଡାକୁଆ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ମଣ୍ଡଳ, ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜୀ ସମେତ ସରପଞ୍ଚ ସରୋଜିନୀ ରଇତ, ସମିତିସଭ୍ୟା ସୁଚିତା ଭୂୟାଁ ଯୋଗ ଦେଇଥିଲେ। ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବସନ୍ତ କୁମାର ସିଂ ଓ ଶିକ୍ଷକ ମହେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର




**ପାରଳାଖେମୁଣ୍ଡି,୧୪।୨(ସମିସ):** ଭାଲେଣ୍ଟାଇନ ଡେ ବା ପ୍ରେମ ଦିବସ ଅବସରରେ ଗରିବ, ଅସହାୟ, ଅସୁସ୍ଥ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ବୁଧବାର ଗିଫ୍ଟ ସୋସାଇଟି ଓ ଗିଫ୍ଟ ମୋଡେଲ ସ୍କୁଲ୍ ତରଫରୁ ଏକ ସ୍ୱତନ୍ତ୍ର ମାଗଣା ସ୍ୱାସ୍ଥ୍ୟ ଶିବିର ସେରଙ୍ଗ ଖ୍ରୀଷ୍ଟିଆନ୍ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ କାଶିନଗର ବ୍ଲକ ନୀଳକଣ୍ଠପୁର ଗିଫ୍ଟ ମଡେଲ୍ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗଜପତି ଜିଲ୍ଲା ପରିଷଦର ଅଧ୍ୟକ୍ଷ ଜି.ତିରୁପତି ରାଓ ଓ ଅତିଥି ଭାବେ ସେରଙ୍ଗ ଖ୍ରୀଷ୍ଟିଆନ୍ ହସ୍ପିଟାଲର ନିର୍ଦ୍ଦେଶ ଡ଼ା. ଜନ୍ ଓ କାଶୀନଗର ବ୍ଲକ୍ ମେଡ଼ିକାଲ ଅଧିକାରୀ ଡ଼.ଜି. ବେଦା ବିକାଶ ଯୋଗ ଦେଇଥିଲେ। ଅନେକ ଜନ ପ୍ରତିନିଧି ଉପସ୍ଥିତି ରହି ଏଭଳି କାର୍ଯକ୍ରମକୁ ପ୍ରଶଂସା କରିଥିଲେ। ଗିଫ୍ଟ ସୋସାଇଟି ଓ ଗିଫ୍ଟ ମୋଡେଲ ସ୍କୁଲ୍‌ର ନିର୍ଦ୍ଦେଶକ ସମାଜସେବୀ ଆମୋଦ କୁମାର ବର୍ଦ୍ଧନ ପରିଚାଳନା କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର




**ଗୁମ୍ମା,୧୪।୨(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନିଶାନ ସାଲୋମ କଟେଜ ରେ ହାଇଟେକ ମେଡିକାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଇଂ.ରୂପେଶ ପାଣିଗ୍ରାହୀ ଓ ହାଇଟେକ ମେଡ଼ିକାଲ ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ ଯୋଗ ଦେଇ ଶିବିରର ଉଦଘାଟନ କରିଥିଲେ।୨୦ ଜଣ ଡାକ୍ତର ଯୋଗ ଦେଇ ରୋଗୀଙ୍କ ମାଗଣା ଆଖି ଉପଚାର, ହୃଦରୋଗ ଉପଚାର, ଚଷମା ଓ ପୋଷାକ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗୋଷାଣି ବ୍ଲକ ସଭାପତି ଏନ ଭୀରରାଜୁ, କାଶୀନଗର ବ୍ଲକ ସଭାପତି ବାଲା ସାୟାମା, ଗୁମ୍ମା ବ୍ଲକ ସଭାପତି ସୁନେମି ମଣ୍ଡଳ, ଗୁମ୍ମା ବ୍ଲକ ଉପସଭାପତି ଶ୍ରୀନିବାସ ରାଓ , ବଡିଓ ଶରତ କୁମାର, ବରିଷ୍ଠ ନେତା ବସନ୍ତ ଦାସ, ଲକ୍ଷ୍ମୀ ପରିଚ୍ଛା, ଅଖିଳ ପାତ୍ର, ବିଜୟ କୁମାର, ଆପ୍ପା ରାଓ, ଗଜପତି ରାଓ, ସରପଞ୍ଚ, ସମିତିସଭ୍ୟ, ହାଇଟେକ୍ କାର୍ଯ୍ୟକର୍ତ୍ତା ଦିପୁ ପଟ୍ଟନାୟକ , ମୋଜେଶ ଶବର ,ଆଦିତ୍ୟ ଘାଣ୍ଟା,ନିରୋଜ ଷଡଙ୍ଗୀ,ଅଜୟ ବଡ଼ନାୟକ, ସନ୍ତୋଷ କୁମାର, ରେବୁ ଏଡଲା ଓ କୃଷ୍ଣ ବେହେରା ଯୋଗ ଦେଇଥିଲେ। ଶିବିରରେ ବହୁ ସଂଖ୍ୟାରେ ରୋଗୀଙ୍କ ଚିକିତ୍ସା କରାଯାଇଥିଲା।

# ପ୍ରାକ୍ତନ ଶିକ୍ଷକ ବାଳକୃଷ୍ଣ ମିଶ୍ରଙ୍କ ସ୍ମୃତିଚାରଣ ସଭା



**ପାରଳାଖେମୁଣ୍ଡି,୧୪।୨(ସମିସ):** ପାରଳାଖେମୁଣ୍ଡି ସହରସ୍ଥ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ପ୍ରାକ୍ତନ ପ୍ରଧାନଶିକ୍ଷକ ସ୍ୱର୍ଗତ ବାଳକୃଷ୍ଣ ମିଶ୍ରଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ର, ପୁରାତନ ଶିକ୍ଷକ, ଜନସାଧାରଣ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତ ମିଶ୍ର ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଥିଲେ। କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସ୍ୱର୍ଗତ ବାଳକୃଷ୍ଣ ମିଶ୍ର ଜଣେ ମେଳାପି, ଭଦ୍ର, ନାଟୁଆ ତଥା ଅଭିନେତା, ସୁସାହିତ୍ୟକ ବ୍ୟକ୍ତି ଥିଲେ ସେନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ ଚନ୍ଦ୍ର ପାଣିଗ୍ରାହୀ, ବିଚିତ୍ରା ବେବର୍ତ୍ତା, ପଣ୍ଡିତ କୁମୁଦ ରଞ୍ଜନ ଦାସ, ଅର୍ଜୁନ ନାୟକ, ପ୍ରଧାନ ଶିକ୍ଷକ ୱାଇ.ଧର୍ମାରାଓ ଓ ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ବାଳକୃଷ୍ଣ ମିଶ୍ର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ୧୯୯୨ରୁ ୧୯୯୫ ମସିହା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଥିଲେ। ୧୯୯୪ ମସିହାରେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ। ନୟାଗଡ ସ୍ଥିତ ନିଜ ବାସଭବନରେ ୯୦ ବର୍ଷରେ ତାଙ୍କର ବିୟୋଗ ଘଟିଛି। ଏହାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯିବା ସହ ସ୍ମୃତିଚାରଣ ସଭା ହୋଇଥିଲା ।

# ମୁକ୍ତା ଯୋଜନାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ବାଲିଗୁଡା,୧୪।୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ମୁକ୍ତା ଯୋଜନା ପକ୍ଷରୁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ତଥା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡା.ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁକ୍ତା ଯୋଜନାରେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦକ୍ଷତା ବିକାଶ ସମ୍ପର୍କରେ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ରାଜ୍ୟ କ୍ଲଷ୍ଟର କୋଡ଼ିନେଟର ଜ୍ୟୋତି ପ୍ରକାଶ ହୋତା, ବାଲିଗୁଡା ଏନଏସି ମୁକ୍ତା ସଂଯୋଜକ ପ୍ରଭାତ କୁମାର ଘଡେଇ, କାର୍ଯ୍ୟକାରୀ ବିଶେଷଜ୍ଞ ଜଗଦୀଶ ବାରିକ, ହିସାବ ରକ୍ଷକ ଫକୀର ମୋହନ ରଣା ଶିବିର ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଯୋଗ ଦେଇ ଦକ୍ଷତା ବିକାଶ ତାଲିମର ଲକ୍ଷ୍ୟ ଓ କାର୍ଯ୍ୟକାରିତା ବିଷୟରେ ଅବଗତ କରିଥିଲେ । ଏଥିରେ ବାଲିଗୁଡା ଏନଏସି ୩ ଓ ୯ ୱାର୍ଡରେ ଦୁଇ ଦିନ ଧରି ୩୦ ଜଣ ଲେଖାଏଁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟ ଯୋଗ ଦେଇ ଦକ୍ଷତା ବିକାଶ ତାଲିମ ରେ ଅଂଶଗ୍ରହଣ କରିଥିଲେ।

### ମା' ପିତାବଳୀ ଚତୁର୍ଥ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# ଅରାପାଜୁକୁ ହରାଇ ଡିଣ୍ଡିରା ଗାଁ ଚାମ୍ପିଅନ



**ଫିରିଙ୍ଗିଆ,୧୪।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ ଗଞ୍ଜୁଖୋଲ ଗାଁର ବାହେଲିପାଙ୍ଗା ଖେଳ ପଡିଆରେ ମା ପିତାବଳୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଛି। ପ୍ରତିଯୋଗିତା ଚଳିତ ମାସ ୧୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ଉଦଯାପିତ ହୋଇଛି। ଫିରିଙ୍ଗିଆ ଏବଂ ଫୁଲବାଣୀ ବ୍ଲକର ୧୬ ଗ୍ରାମାଞ୍ଚଳ ଫୁଟବଲ କ୍ଲବ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶେଷ ଦିନରେ ୨ ସେମିଫାଇନାଲ ଓ ଫାଇନାଲ ଖେଳ ହୋଇଥିଲା। ଫାଇନାଲ ମ୍ୟାଚ ଫୁଲବାଣୀ ବ୍ଲକ ଏଫସି ଆରାପାଜୁ ଓ ଫିରିଙ୍ଗିଆ ବ୍ଲକର ଡିଣ୍ଡିରା ଗାଁ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଡିଣ୍ଡିରା ଗାଁ ୨-୦ଗୋଲରେ ଅରାପାଜୁ ହରାଇ ଚମ୍ପିଅନ ହୋଇଥିଲା। ଉଦଯାପନ ଉତ୍ସବରେ ଜନଜାତି ସମବାୟ ବାଣିଜ୍ୟ ମହାସଂଘ ଓ ଜନଜାତି ଉନ୍ନୟନ ମନ୍ତ୍ରଣାଳୟର ପବିତ୍ର କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟଅତିଥିଙ୍କ ମଧ୍ୟରେ ଉମା ଚରଣ ମଲିକ , ମିଣିଆ ପଞ୍ଚାୟତ ସରପଞ୍ଚ ଗୌତମ ମଲିକ, ଅଲିଭା ସ୍ପୋର୍ଟ୍ସର ସନ୍ତୋଷ କୁମାର ପ୍ରଧାନ, ଉଦୟ ନାଥ କହଁର, ପ୍ରମୋଦ ମଲ୍ଲିକ ଯୋଗ ଦେଇଥିଲେ । ମା ପିତାବଳୀ ଯୁବକ ସଂଘ ସଭାପତି ସାର୍ଥକ କହଁର, ବଶିଷ୍ଠ କହଁର, ସୁଶାନ୍ତ କହଁର, ନକୁଳ କହଁର, ନୀଳାଞ୍ଚଳ ମଲିକ ଓ ସମୀର କହଁରଙ୍କ ସହ କ୍ଲବର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ରେଫରୀ ଭାବରେ ପ୍ରଫୁଲ୍ଲ କହଁର, ମୁନା କହଁର ଓ ଗୋପୀନାଥ କହଁର ଦାୟିତ୍ୱ ତୁଲାଇଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ଅର୍ଥ ରାଶି ଓ ଟ୍ରଫି ବିଜେତା ଓ ଉପବିଜେତା ଦଳକୁ ପ୍ରଦାନ କରାଯାଇଥିଲା।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

**ସାନଖେମୁଣ୍ଡି, ୧୪।୨(ସମିସ):** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ କଉଡ଼ିଆ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟନ୍ତୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର,



ବ୍ଲକ ଉପାଧ୍ୟକ୍ଷା ରିଙ୍କି ନାୟକ, ଗଞ୍ଜାମ ଜିଲ୍ଲା କଳାକାର ସଂଘର ଉପସଭାପତି ସନ୍ତୋଷ କୁମାର ପାଢ଼ି, ୬୧ ନମ୍ବର ଯୋନ ଜିଲ୍ଲା ପରିଷଦ ଅମିନ ପ୍ରଧାନ, ସମିତିସଭ୍ୟା ଉର୍ମିଳା ନାୟକ, ସରପଞ୍ଚ ପ୍ରତିନିଧି ରୋହିତ ଖୁଣ୍ଟିଆ, କନିଷ୍ଠ ଯନ୍ତ୍ରୀ ମନୋଜ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧୁସୂଦନ ବିଷୋୟୀ, ଜିଆରଏସ୍ ନୀଳମାଧବ ସାହୁ ପ୍ରମୁଖ ଉପସ୍ଥିତ ରହି ଗ୍ରାମ୍ୟ ବିକାଶର ପୁସ୍ତକ ଉନ୍ମୋଚନ କରିଥିଲେ। କଉଡ଼ିଆ ଗ୍ରାମ ପଞ୍ଚାୟତରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ବୁଗୁଡା,୧୪।୨(ସମିସ):** ବୁଗୁଡା ବ୍ଲକ ଅନ୍ତର୍ଗତ ଗୌଡିଆବୋରଦା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌଡିଆବୋରଦା ସରପଞ୍ଚ ସୁନ୍ଦରୀ ମହାରଥାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଡିଓ ସନ୍ତୋଷ କୁମାର ଜେନା, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା, ସିଡିପିଓ ବବିତା ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ।

## ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ସ୍ମୃତି ସମାରୋହ

**ବୁଗୁଡ଼ା, ୧୪।୨(ସମିସ):** ବୁଗୁଡ଼ା ବ୍ଲକର ବି.କରଡ଼ାବାଡ଼ି ଗ୍ରାମସ୍ଥିତ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ପରିସରରେ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ମୃତି ସମାରୋହ ହୋଇଯାଇଛି। ପ୍ରାକ୍ତନ ଛାତ୍ର ତଥା ପିପୁଲ୍ସ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ



ବିଜୟ କୁମାର ସାହୁ, ଗୋପାଳ ଚନ୍ଦ୍ର ନାୟକ, ବଳରାମ ପଣ୍ଡା, ବଂଶୀଧର ନାୟକଙ୍କ ସମେତ ବିକ୍ରମାଦିତ୍ୟ ଆରୁଖ, ବିନାୟକ ପ୍ରଧାନ, କାର୍ଯ୍ୟରତ ପ୍ରଧାନ ଶିକ୍ଷକ ପ୍ରକାଶ ନାୟକ ଓ ପ୍ରାକ୍ତନ ଛାତ୍ର ବୃନ୍ଦାବନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ୧୯୬୯ ମସିହାରେ ସ୍ଥାପିତ ଉକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କାଳର ଅନେକ ସ୍ମୃତି ଓ ଅନୁଭୂତିକୁ ପ୍ରାକ୍ତନ ଛାତ୍ରଛାତ୍ରୀଗଣ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିରଞ୍ଜନ ପ୍ରଧାନ, ବଙ୍ଗାଳି ମୁଣ୍ଡା, ସମୀର ସାମନ୍ତରା ପ୍ରମୁଖ ସହଯୋଗ କରିଥିଲେ।

## ଗୋ ଇଲେକ୍ଟ୍ରିକ୍ ଅଭିଯାନ

**ବ୍ରହ୍ମପୁର, ୧୪।୨(ସମିସ):** ବିଦ୍ୟୁତ ଚାଳିତ ଯାନ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ବ୍ରହ୍ମପୁର ସହରରେ ଗୋ ଇଲେକ୍ଟ୍ରିକ ଅଭିଯାନ ଇଞ୍ଜିନିୟରିଂ ସ୍କୁଲ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶକ୍ତି ବିଭାଗ ଅଧୀନ ମୁଖ୍ୟ ଯନ୍ତ୍ରୀ(ବିଦ୍ୟୁତ) ଏବଂ କେନ୍ଦ୍ର ସରକାରଙ୍କ ଅଧିନ ବ୍ୟୁରୋ ଅଫ ଏନର୍ଜି




ଏଫିସିଏନ୍ସି ମିଳିତ ଆନୁକୂଲ୍ୟରେ ଚାଲିଥିବା ଆମ ମିଶନ ଶୂନ ଅଙ୍ଗାରକାମ୍ଳ ମିଶନ ଜରିଆରେ ଇଲେକ୍ଟ୍ରି ଯାନ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ବିଦ୍ୟୁତ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ସାଇଓମ ବିଷ୍ଣୁଶଙ୍କର, ଅଧୀକ୍ଷଣ ଯନ୍ତ୍ରୀ ଗଣନାଥ ଦାସ, ସତ୍ୟବ୍ରତ ଦାସ, ଇଲେକ୍ଟ୍ରିକ ଇନ୍ସପେକ୍ଟର ସୀତମ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶୋଭଯାତ୍ରାରେ ଇଲେକ୍ଟ୍ରିଜାନ ପ୍ରସ୍ତୁତ କରୁଥିବା ବିଭିନ୍ନ କମ୍ପାନୀର ପ୍ରତିନିଧି ସାମିଲ ହୋଇଥିଲେ।

# ସୁନାରିଝୋଳାରେ ପାନୀୟ ଜଳ ସଂକଟ

**କବିସୂର୍ଯ୍ୟନଗର,୧୪।୨(ସମିସ):** କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ସୁନାରିଝୋଳା ପଞ୍ଚାୟତରେ ପାନୀୟ ଜଳ ସଂକଟ ଦେଖାଦେଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ମଙ୍ଗଳବାର ସ୍ଥାନୀୟ ମହିଳା ମାନେ ବ୍ଲକ ଅଫିସ ଘେରାଉ କରିଥିଲେ। ଅଭିଯୋଗ ପ୍ରକାରେ ସୁନାରିଝୋଳା ପଞ୍ଚାୟତ ମୁଖ୍ୟତଃ ସାନପଙ୍କଲବାଡ଼ି, ସୁନାତିଝୋଲ, ବେଲପୁର ଗାଁକୁ ନେଇ ଗଠିତ। ସାନପଙ୍କଲବାଡ଼ି ରେ ଉତ୍କଟ ହେଇଛି ପାନୀୟ ଜଳ ସମସ୍ୟା। ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ ହେଲା ଏହି ସମସ୍ୟା ଲାଗି ରହିଛି। ଏହି ଅଞ୍ଚଳର ମହିଳାମାନେ ପୋଖରୀ ଦୂଷିତ ଜଳ ଉପରେ ନିର୍ଭର କରୁଛନ୍ତି। ଲୋକଙ୍କ ଲାଗି ପାନୀୟ ଜଳ ବ୍ୟବସ୍ଥା ସହ ପାଇପ ପୋତା ଯାଇଛି। ହେଲେ ସେଥିରେ ପାଣି ଆସୁନାହିଁ। ଏହି ପଞ୍ଚାୟତର ସୁନାରିଝୋଳା ଓ ବେଲପୁର ଅଞ୍ଚଳର ଲୋକେ ପାଣି ପାଉଛନ୍ତି ଅଥଚ ସାନପଙ୍କଲ ବାଡ଼ି ଭାଗ୍ୟରେ ସତେକି ପାନୀୟ ଜଳ ଭାଗ୍ୟରେ ନାହିଁ। ତେଣୁ ମଙ୍ଗଳବାର ମଧ୍ୟାହ୍ନରେ ଗାଁ ପୋଖରୀରୁ ଜଳ ହାଣ୍ଡି, ମାଠିଆରେ ଧରି ବ୍ଲକ ଅଫିସକୁ ଆସିଥିଲେ ବହୁ ମହିଳା। ଖୁବ ଶୀଘ୍ର ପାନୀୟ ଜଳ ଦେବାପାଇଁ ଦାବି ଜଣାଇଥିଲେ ବିଡିଓଙ୍କୁ। ସୁନାରିଝୋଳା ସରପଞ୍ଚ ଆର. ରାଧାକୃଷ୍ଣ ରେଡି ଓ ସମିତିସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଦେଇଛୁ। ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା। ଏନେଇ ବିଡିଓ ସାଗରୀକା ଷଡଙ୍ଗୀ କହିଛନ୍ତି ଖୁବ ଶୀଘ୍ର ଏହାର ସମାଧାନ କରାଯିବ।



## କେନ୍ଦ୍ରୀୟ ମତ୍ସ୍ୟ ଅଧିକାରୀଙ୍କ ସଚେତନତା




**ରମ୍ଭା,୧୪।୨(ସମିସ):** କେନ୍ଦ୍ରୀୟ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନାର ସଚେତନତା ସଭା ମତ୍ସ୍ୟଜୀବୀ ସଂଘ ଆନୁକୂଲ୍ୟରେ ବାଳମୁକୁନ୍ଦ ମନ୍ଦିର ଚନ୍ଦ୍ରପୁଟ ଠାରେ ଅନୁଷ୍ଠିତ ହୋଇଥିଲା। ଏନଏଫଡିବି, ଇରୋ ଓ ନିହିଡ଼ା ଅଫିସର ସ୍ମୃତି ରେଖା ପତି, ଭକ୍ତ ବିହାରୀ ମିଶ୍ର, ରାଜ୍ୟ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ସଙ୍ଘ ସଭାପତି ଭଞ୍ଜ କିଶୋର ବେହେରା, ଗ୍ରାମ୍ୟ ସଭାପତି ଗୋବିନ୍ଦ ଜାଲି ଓ ଉପଦେଷ୍ଟା ସେନାପତି ବେହେରା ମଞ୍ଚାସିନ ଥିଲେ। ଜଣେ ମତ୍ସ୍ୟଜୀବୀଙ୍କ ୪୫ ଲକ୍ଷ ଟଙ୍କା ପ୍ରଦାନ ପାଇବାର ସହାୟତା ରାଶି ଅନୁପ୍ରାଣିତ ହୋଇ ରହିଛି। ସ୍ୱାସ୍ଥ୍ୟ ଯୋଜନରେ ଜଣେ ମତ୍ସ୍ୟଜୀବୀ ୩୬୧ଟଙ୍କା ବର୍ଷକୁ ଖର୍ଚ୍ଚ କଲେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ, ଉଦ୍ୟମି ମିତ୍ର, ବି.ୟା.ଏସ, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ଜନ ଧନ, ଆବାସ, କୃଷି, ଜୀବନ ଜ୍ୟୋତି, ଖଣିଜ କ୍ଷେତ୍ର ଏଭଳି ଅନେକ ଯୋଜନା ମିଳିବାର ବ୍ୟବସ୍ଥା ଅଛି। ମତ୍ସ୍ୟ ଅଧିକାରୀ ଓ ବ୍ୟାଙ୍କ ଅବହେଳା କଲେ ଲୋକପାଳ ଆଇନକୁ ଯାଇ ନିଜର ହକ୍ ପାଇ ପାରିବେ ବୋଲି କେନ୍ଦ୍ରୀୟ ମତ୍ସ୍ୟ ଅଧିକାରୀ ପ୍ରବର୍ତ୍ତାଇ ଥିଲେ। ପ୍ରକାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପତାଣ୍ଡ ହାଇସ୍କୁଲର ବାର୍ଷିକୋତ୍ସବ

**ଦିଗପହଣ୍ଡି, ୧୪।୨(ସମିସ):** ଦିଗପହଣ୍ଡି ବ୍ଲକ ପତାଣ୍ଡ ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସନାତନ ପଟ୍ଟନାୟକଙ୍କ ସଂଯୋଜନାରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ରୂପେ ଏବିଇଓ ବିଶ୍ରବା ପାଇକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରଦୀପ ସେଠୀ, ସମିତି ସଭ୍ୟ ପ୍ରତିନିଧି ଏସ୍. ଗାନ୍ଧୀ ଦୋରା, ନାଏବ ସରପଞ୍ଚ ଇ. ରାମହରି ଦୋରା, କେଦାରପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ଦୋରା, ସାନଖେମୁଣ୍ଡି ସିଆରସିସି ଆର୍. ଦେବହରି, ସାମାଜିକ କର୍ମୀ ଭଗବାନ ଦୋରା, ୱାର୍ଡ ସଦସ୍ୟ ଇ . ପଞ୍ଚାନନ, ସିକା. ଶ୍ରୀହରି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଜୀବନ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୃଷକ ମୋର୍ଚ୍ଚା ଗ୍ରାମ୍ୟଜ୍ୟୋତି ପରିକ୍ରମା



**କବିସୂର୍ଯ୍ୟନଗର, ୧୪।୨(ସମିସ):** କବିସୂର୍ଯ୍ୟନଗର ବସଷ୍ଟାଣ୍ଡ ସ୍ଥିତ ବିଜେପି କାର୍ଯ୍ୟାଳୟରେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଶ୍ୱେତ ଦୋରାଙ୍କ ପୌରାହିତ୍ୟରେ କୃଷକ ମୋର୍ଚ୍ଚା ଗ୍ରାମ୍ୟ ଜ୍ୟୋତି ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ବିଜେପି କେନ୍ଦ୍ର ସଭାପତି ଜେ. ପି ନଡ୍ଡା ପ୍ରଭାସି ମାଧ୍ୟମରେ କୃଷକମାନଙ୍କୁ ସେମାନଙ୍କର ସବୁ ପ୍ରକାର କୃଷି ଆନୁସଙ୍ଗିକ ସହାୟତା ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାନସଭା ସଂଯୋଜକ ମୁରଲୀଧର ପାଣିଗ୍ରାହୀ, ଘୁମୁସର ଜିଲ୍ଲା କୋଷାଧ୍ୟକ୍ଷ ପୀତବାସ ପଣ୍ଡା, କବିସୂର୍ଯ୍ୟନଗର ଯୁବମୋର୍ଚ୍ଚା ସଭାପତି ତପନ ନାହାକ ଓ ଉପସଭାପତି ବାଲ୍ମୀକି ଦାସ, ରାଜ୍ୟ ମହିଳା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇ. ମାହେଶ୍ୱରୀ ଦୋରା ସମେତ ଅରବିନ୍ଦ ଚର୍ଚ୍ଚି, ଶ୍ରୀନିବାସ ଦୋରା, ସତ୍ୟଜିତ ମହାପାତ୍ର, ଶିବପ୍ରସାଦ ପଣ୍ଡା, କୈଳାସ ସିଂ ଓ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



**ଦିଗପହଣ୍ଡି, ୧୪।୨(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳୀ ଶତପଥୀଙ୍କ ଅଧ୍ୟକ୍ଷତାରେ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଶିବିରରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବି . କ୍ରିଷ୍ଣାରାଓ ସୁବ୍ରୁଦ୍ଧି, ଅଙ୍ଗନବାଡ଼ି ସୁପରଭାଇଜର ସଞ୍ଜୁଲତା ପାଣିଗ୍ରାହୀ, ଶାନ୍ତିଲତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି, ପଦ୍ମନାଭପୁର, କରପଡ଼ା, ବମକୋଇ ପ୍ରମୁଖ ଅଙ୍ଗନବାଡ଼ି ସେକ୍ଟରରୁ ୫୦ ଜଣ ବାଳିକା ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ସସ୍ମିତା ପ୍ରଧାନ ଓ ଜଗତଜନନୀ ପ୍ରଧାନ କୌଶଳ ତାଲିମ ଦେଇଥିଲେ।

### ଆନ୍ତଃରାଜ୍ୟ ଖୋଖୋ ପ୍ରତିଯୋଗିତା

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ରନର୍ସଅପ୍



**ବ୍ରହ୍ମପୁର, ୧୪।୧(ସମିସ):** କଟକ ସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚାଲିଥିବା ଆନ୍ତଃରାଜ୍ୟ କ୍ରୀଡା ପ୍ରତିଯୋଗୀତାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ମହିଳା ଖୋଖୋ ଦଳ ଦ୍ୱିତୀୟ ରନର୍ସଅପ ହୋଇଛି। ଏହା ସହିତ ଦଳ ମାନପତ୍ର ଓ ୨୫ ହଜାର ଟଙ୍କାର ପୁରସ୍କାର ରାଶି ମଧ୍ୟ ପାଇଛି। ମୁଖ୍ୟ ଅତିଥି ତଥା କଟକ ମେୟର ସୁବାସ ସିଂଙ୍କ ଦ୍ୱାରା ଦଳ ପୁରସ୍କୃତ ହୋଇଛି। ଏହି ଖେଳରେ ବିଶ୍ୱବିଦ୍ୟାଳୟର ୧୪ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ କୋଚ ଭାବେ ଜି ଅନିଲ ପାତ୍ର ଏବଂ ମ୍ୟାନେଜର ଭାବେ ଦିପିକା ସେଠୀ, ସନ୍ତୋଷ ବେହେରା, ପିଙ୍କୁ କୁମାର ସାହୁ, ଅଶୋକ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପିଲାଙ୍କ ସଫଳତାକୁ ନେଇ ବିଶ୍ୱବିଦ୍ୟାଳୟ କୁଳପତି, କୁଳସଚିବ, କ୍ରୀଡା ପରିଷଦ ଅଧ୍ୟକ୍ଷ ପ୍ରମୁଖ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ଅତିରିକ୍ତ ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମୋହନା,୧୪।୨(ସମିସ):** ଗଜପତି ଜିଲ୍ଲା ମୋହନାରେ ବହୁ ବର୍ଷ ଧରି ଅତିରକ୍ତ ତହସିଲଦାର ଓ ତହସିଲଦାର ଦାୟିତ୍ୱ ତୁଲାଇ ଆସୁଥିବା ହିମାଂଶୁ ଭୂଷଣ ପଲେଇଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି କର୍ମଚାରୀ। ତାଙ୍କ କାର୍ଯ୍ୟକାଳ ସମୟରେ ବହୁ ଲୋକଙ୍କୁ ତୁରନ୍ତ ଜାତି ପ୍ରମାଣପତ୍ର ଏବଂ ଅସହାୟ ବ୍ୟକ୍ତିଙ୍କୁ ଜମି ପଟ୍ଟା ବଣ୍ଟନ ବଣ୍ଟନ କରାଯାଇଥିଲା। ତାଙ୍କୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଥିବା ବେଳେ ତାଙ୍କର ବର୍ତ୍ତମାନ ପୁରୀ ଜିଲ୍ଲାକୁ ବଦଳି ହୋଇଛି। ମୋହନା ଓକିଲ ସଂଘ ସମ୍ପାଦକ ପଦ୍ମନାଭ ପତି, ପ୍ରଭାତ ପାତ୍ର, ଦୁର୍ଯ୍ୟୋଧନ କରଡ଼ା ସମେତ ବହୁ ଓକିଲ, ତହସିଲଦାର ହରିଶ୍ଚନ୍ଦ୍ର ପ୍ରଧାନ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।



## ସଶକ୍ତ ଓଡ଼ିଶା ସାଥୀ ଶିବିର

**ଚକାପାଦ, ୧୪।୨(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କାର୍ଯ୍ୟାଳୟ ପାଖରେ ଥିବା ପଡ଼ିଆରେ ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନଳିନୀ କହ୍ନର, ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହ୍ନର, ଜିଲ୍ଲା ପରିଷଦ ସଭ୍ୟା ରାଞ୍ଚନା ନାୟକ, ଜିଲ୍ଲା କଳା ସଂସ୍କୃତି ଉପ ସଭାପତି ବୀରେନ୍ଦ୍ର କହଁର, ବ୍ଲକ କଳାକାର ସଂଘ ସଭାପତି ମୋହନ ମୁରଲୀ ଦାଣ୍ଡିଆ, ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଭୂଷଣ ପୂର୍ଣ୍ଣମାସୀ ଯାନୀ, ବ୍ଲକ ଉପାଧ୍ୟକ୍ଷ ସୋମନାଥ ବେହେରା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ୧୨ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା, ୱାଡ଼ସଭ୍ୟ, ୧୭ ଜନଜାତିର ମହିଳା ନୃତ୍ୟ ଦଳ ଉପସ୍ଥିତ ଥିଲେ। ହେଲେ ଆୟୋଜନ ପ୍ରଶାସନିକ ଅଧିକାରୀ ଦାୟିତ୍ୱ ଠିକ ଭାବରେ ତୁଲାଇ ନ ଥିବାରୁ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଛି।

### ଶିବଲିଙ୍ଗର ଆବିର୍ଭାବ

## ଗ୍ରାମରେ ଭକ୍ତିମୟ ପରିବେଶ

**ମୋହନା, ୧୪।୨(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ଚାନ୍ଦିପୁଟ ନିକଟସ୍ଥ ମାଣିକପୁର ପଞ୍ଚାୟତର ଗୁବୁରୀଗୁଡା ଗ୍ରାମରେ ଅଲୌକିକ ଘଟଣା ଘଟିବା ପରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଗ୍ରାମରେ ମହାପ୍ରଭୁ ଭୋଳାନାଥ ମହାଦେବଙ୍କ ଶିବଲିଙ୍ଗ ସ୍ୱପ୍ନାଦେଶରେ ଠାବ ହେବା ପରେ ଗ୍ରାମ ତଥା ଆଖପାଖ ଅଞ୍ଚଳବାସୀ ଦର୍ଶନ କରିବାକୁ ସୁଅ ଛୁଟୁଛି। ଆଜି ଆବିର୍ଭାବ ହେବାର ୨୧ ଦିନ ହୋଇଥିବା ବେଳେ ଗ୍ରାମ ଉତ୍ସବମୁଖର ହେବା ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗ୍ରାମରେ ଯଥାରୀତି ନୀତି ପରମ୍ପରା ଅନୁସାରେ ପ୍ରଥମେ କଳସ ଯାତ୍ରା କରାଯିବା ପରେ ନାମ ସଂକୀର୍ତ୍ତନ, ଘୃତଯଜ୍ଞ, ନାମଯଜ୍ଞ, ସହ ଅନ୍ନ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁବୁରୀଗୁଡା ଗ୍ରାମ ନିକଟସ୍ଥ ସମଡାଙ୍ଗ ପାହାଡ଼ ଲଟାବୁଦା ଆଚ୍ଛାଦିତ ହୋଇ ରହିଥିଲା। ୨୧ ଦିନ ତଳେ ଗ୍ରାମର ଜଣେ ଯୁବକଙ୍କୁ ସ୍ୱାପ୍ନାଦେଶ ହେବା ପରେ ଗ୍ରାମବାସୀ ମହାପ୍ରଭୁ ଭୋଳାନାଥଙ୍କ ଶିବଲିଙ୍ଗ ବୋଲି ଧାର୍ମିକ ବିଶ୍ୱାସ ଦୃଢ଼ୀଭୂତ ହୋଇଥିଲା। ଯାପଳରେ ବିଧିବଦ୍ଧ ଭାବେ ଗ୍ରାମବାସୀ ପ୍ରଭୁ ଭୋଳାଶଙ୍କର ନାମରେ ଧୂପ ଦୀପ ନୈବେଦ୍ୟ ଦେଇ ଆଜି ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିଆସୁଥିଲେ। ଆଜି ପ୍ରାଣ ପ୍ରତିଷ୍ଠା, ବୃଷଭ ସ୍ଥାପନ, ପିତଳ ନାଗ ସହ ଘଣ୍ଟ ବାନ୍ଧି ପୂଜାର୍ଚ୍ଚନା କରାଯାଇଛି। ପରେ ଗ୍ରାମବାସୀ ନଗର ପରିକ୍ରମା କରିଥିଲେ। ଗୁବୁରୀଗୁଡା ଏକ ସର୍ବ ପୁରାତନ ଆଦିବାସୀ ଅଧ୍ୟୁଷିତ ଗ୍ରାମ ହୋଇଥିବା ବେଳେ ନୂତନ ଭାବେ ଶୈବପୀଠ ଉତ୍ପତ୍ତି ହୋଇଥିବା ହେତୁ ଅତି ଉତ୍ସାହର ସହ ଗ୍ରାମ ତଥା ଆଖପାଖ ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀ ଓ ମାନଙ୍କର ସମାଗମ ହୋଇଛି। ଗ୍ରାମ୍ୟ ପୁରୋହିତ ପଣ୍ଡିତ କରୁଣାକର ପତି ଓ ପଣ୍ଡିତ ତରଣୀସେନ ଦାସଙ୍କ ପୌରୋହିତ୍ୟରେ ସମସ୍ତ ପୂଜାନୀତି ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।




## ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଅଧିବାସ

**ବ୍ରହ୍ମପୁର,୧୪।୨(ସମିସ):** ସ୍ଥାନିୟ ଗୋଷାଣୀନୂଆଗାଁ ନେହେରୁ ନଗର-୧୦ମ ଲାଇନ୍ ଠାରେ ହନୁମାନଙ୍କ ପ୍ରତିଷ୍ଠା ଉତ୍ସବ ପାଞ୍ଚ ଦିନ ବ୍ୟାପି ଆରମ୍ଭ ହୋଇଥିବା ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସ ମଙ୍ଗଳବାର ଦିନ ଅଧିବାସ କର୍ମାରମ୍ଭ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସ ରବିବାର ଦିନ ଗୋଷାଣୀନୂଆଗାଁ ତଥା ଆଖପାଖ ଅଞ୍ଚଳବାସୀ ଏକ ବିରାଟ ପଟୁଆରରେ ଉତ୍ତରେଶ୍ୱର ମନ୍ଦିର ପରିସରରୁ କଳସରେ ଜଳ ନେଇ ମା’ ମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରତିଷ୍ଠା ହେବାକୁ ଥିବା ମହାବୀର ହନୁମାନଙ୍କ ମନ୍ଦିରରେ ପହଞ୍ଚି ଥିଲେ। ସେଠାରେ ୧୦୦୦ କଳସ ଜଳ ଢାଳି ମନ୍ଦୀର ପ୍ରତିଷ୍ଠା ଦିବସ ଆରମ୍ଭ ହୋଇଥଲା। ଏହି ଅବସରରେ କଳସ ଯାତ୍ରା ସହ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ପଣ୍ଡିତ ଶ୍ରୀ ତ୍ରିଲୋଚନ ପାଠି ଶର୍ମାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ବିଶିଷ୍ଟ ସମାଜସେବୀ ତଥା ମନ୍ଦିର ପରିଚାଳନା କମିଟି ମୁଖ୍ୟ ଟୁନା ପାଣିଗ୍ରାହୀ ଦ୍ୱାରା ପରିଚାଳିତ ହେଉଛି। କମିଟି ସଭପତି ରିଟୁ ପଣ୍ଡା, ଉପ-ସଭାପତି ଅଜିତ ରାଉଳ, ସମ୍ପାଦକ ଟୁକୁନା ପାଢ଼ୀ ସମେତ ପ୍ରମୋଦ ସାହୁ, ଟୁକୁ ଦଳାଇ, ବାବୁଲା ସେଠୀ, ଦୁର୍ଗା ପ୍ରସାଦ ସାହୁ, ଶ୍ରୀନିବାସ ପାତ୍ର, ସନ୍ତୋଷ ପାଣିଗ୍ରାହୀ, କୃଷ୍ଣା ପଢ଼ିଆଳି, କୈଳାଶ ପାଢ଼ୀ ଏବଂ ମନ୍ଦିର ଉନ୍ନୟନ ଓ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



